
# ଅନନ୍ୟା


## କନ୍ଧମାଳ କିଶୋରୀ ବାଳିକାଙ୍କ କୃତିତ୍ୱର କାହାଣୀ



# ଅନନ୍ୟା




## କନ୍ଧମାଳ ବାଳିକାଙ୍କ କୃତିତ୍ୱର କାହାଣୀ




# ଅନନ୍ୟା

ପ୍ରକାଶକ :

ସୋସିଆଲ୍ ୱେଲ୍‌ଫେୟାର ଏଜେନ୍‌ସି ଆଂଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ (ସ୍ୱାତୀ )
ମାଲେରିମାହା, ପାବୁରିଆ, କନ୍ଧମାଳ – ୭୬୨୧୧୨, ଓଡିଶା
Email: swati_pab@yahoo.co.in, Website: www.swatiodisha.org

ସହାୟତା :

ସେଭ୍ ଦି ଚିଲ୍‌ଡ୍ରେନ୍, ଭୁବନେଶ୍ୱର

ସଂପାଦନା- ମୃତ୍ୟୁଞ୍ଜୟ ବେହେରା, କଳିଙ୍ଗ ବିହାର, ଭୁବନେଶ୍ୱର

ପ୍ରକାଶନ ସମୟ

ନଭେମ୍ବର ୨୦୧୯

# ବହି ବିଷୟରେ କିଛି କଥା . . .

ଅନନ୍ୟା - ଏ ବହିଟିରେ କନ୍ଧମାଳର କ.ନୂଆଗାଁ ଅଂଚଳରେ ବାଲ୍ୟ ବିବାହ ପ୍ରଥା ରୋକିବା ଦିଗରେ ସଂଗ୍ରାମ ଚଳାଇଥିବା କିଶୋରୀ ମାନଙ୍କ ସଫଳତାର କାହାଣୀ ମାନ ରହିଛି ।

ଏକ ଆଦିବାସୀ ବହୁଳ ଓ ଘାଟି ଜଙ୍ଗଲ ପରିପୂର୍ଣ୍ଣ ଆମର ଏ ଜିଲ୍ଲା କନ୍ଧମାଳ । ଜିଲ୍ଲାର ଲୋକମାନେ ଅନେକ ପାରଂପରିକ ବିଶ୍ୱାସ ଓ ପ୍ରଥାକୁ ଧରି ଚଳିଥାନ୍ତି । ସେସବୁଥିରେ କିଛି ଭଲ ଦିଗ ଥିଲେ ମଧ ଅନେକ ଖରାପ ଦିଗ ବି ରହିଛି । ରୋଗ ଭଲ କରିବା ପାଇଁ ଗୁଣି ଗାରେଡି ଉପରେ ବିଶ୍ୱାସ, ପ୍ରସୂତି ଓ ଗର୍ଭବତୀ ମହିଳା ମାନଙ୍କ ପାଇଁ କଟକଣା ଏବଂ ବିବାହ ଯୋଗ୍ୟା ହେବା ପୂର୍ବରୁ ଝିଅ ମାନଙ୍କୁ ବାହା କରାଇ ଦେବା ଆଦି ଅନେକ ପୁରୁଣା ଚଳଣି ପାରିବାରିକ ଓ ସାମାଜିକ ସମସ୍ୟା ସୃଷ୍ଟି କରୁଛି । ତେବେ ଏସବୁର କାରଣ କେବଳ ଅସଚେତନତା ନୁହେଁ ବରଂ ଦାରିଦ୍ର୍ୟ ଓ ସରକାରୀ ସେବା ପାଇ ନପାରିବା ମୂଳ କାରଣ ।

ଜିଲ୍ଲାର ଅଭ୍ୟନ୍ତର ଅଂଚଳ ଗୁଡିକରେ ବାଲ୍ୟ ବିବାହ, ବିଶେଷ କରି ଝିଅ ମାନଙ୍କୁ ବିବାହ ଯୋଗ୍ୟ ବୟସ ପୂର୍ବରୁ ବାହା କରାଇ ଦେବାର ପରଂପରା ରହି ଆସିଛି । ଏହାକୁ ବାପା ମା ବା ଅଭିଭାବକ ମାନେ ଏକ ଦାୟିତ୍ୱ ତୁଟାଇ ଦେଲେ ବୋଲି ଖୁସି ହେଉଥିବାବେଳେ ପ୍ରକୃତରେ କିନ୍ତୁ କମ୍ ବୟସରୁ ବିବାହ କରୁଥିବା ଝିଅଟି ସାରା ଜୀବନ ଅନେକ ସମସ୍ୟା ଭିତରେ ଜୀବନ ଅତିବାହିତ କରିଥାଏ । କମ୍ ବୟସରୁ ବାହା ହେବା ଯୋଗୁଁ ତାର ପାଠପଢ଼ା ବନ୍ଦ ହୁଏ, ନିଜ ଭବିଷ୍ୟତ ଗଠନ ପାଇଁ ନିଜେ କିଛି କରିବାକୁ ସେ ସୁଯୋଗ ପାଏନାହିଁ, କମ୍ ବୟସରେ ଗର୍ଭଧାରଣ ଯୋଗୁଁ ନାନା ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖିନ ହୁଏ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁର ଏହା ଅନ୍ୟତମ ମୁଖ୍ୟ କାରଣ ବୋଲି ମଧ କୁହାଯାଇପାରେ ।

ସ୍ୱାତୀ ଗୋଷ୍ଠୀ ସହ ମିଶି କାର୍ଯ୍ୟକରିବା ଅବସରରେ ଏହି ସମସ୍ୟାଟି ଦୃଷ୍ଟିକୁ ଆସିଥିଲା ଏବଂ ୨୦୧୬ ମସିହାରେ ସେଭ୍ ଦି ଚିଲ୍ଡ୍ରେନ୍ ସହଯୋଗରେ ପ୍ରଥମେ ନୂଆଗାଁ ବ୍ଲକ୍‌ରେ ବାଲ୍ୟ ବିବାହ ପ୍ରଥା ରୋକିବା ଦିଗରେ କାର୍ଯ୍ୟକ୍ରମ ଗ୍ରହଣ କଲା । ବିବାହ ସହିତ ସମାଜ ଓ ଗୋଷ୍ଠୀର ନିଷ୍ପତିଗତ ଆଧିପତ୍ୟ ରହୁଥିବାରୁ ଏହାକୁ କାର୍ଯ୍ୟକାରୀ କରିବା ଏତେ ସହଜ ନଥିଲା । ଏଥିପାଇଁ ଗ୍ରାମ ସ୍ତରରୁ ଆରମ୍ଭ କରି ପରିବାର, ଅଭିଭାବକ, ଗାଁ ମୁଖ୍ୟ, ସମାଜ ମୁଖ୍ୟ, ପଂଚାୟତ ପ୍ରତିନିଧି ଆଦିଙ୍କ ଭିତରେ ସଚେତନତା ସୃଷ୍ଟି କରାଗଲା । ଗାଁର କିଶୋର ଓ କିଶୋରୀ ମାନଙ୍କ ଦଳ ଗଢ଼ି ସେମାନଙ୍କୁ ବାଲ୍ୟ ବିବାହର କୁପରିଣାମ ସଂପର୍କରେ ପ୍ରଶିକ୍ଷଣ ଦିଆଗଲା । ସେମାନଙ୍କୁ ଉଚ୍ଚଶିକ୍ଷା ପାଇଁ ଏବଂ ନିଯୁକ୍ତି ଭିତିକ ଶିକ୍ଷା ପାଇଁ ବ୍ୟବସ୍ଥା କରାଗଲା । ବାଲ୍ୟ ବିବାହ ରୋକିବା ପାଇଁ ଚାଇଲ୍ଡ ଲାଇନ୍, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ପ□ୟତର ସହାୟତା ନିଆଗଲା । ଫଳରେ ଧିରେ ଧିରେ ଲୋକମାନେ ସଚେତନତା ହେଲେ ।

ତେବେ ଏହି ପ୍ରକ୍ରିୟାକୁ ସଫଳ କରିବାରେ ମୁଖ୍ୟ ଭୂମିକା ନେଇଛନ୍ତି ଅଂଚଳର କିଶୋରୀ ବାଳିକା ମାନେ । ଗାଁରେ ସଚେତନତା ସୃଷ୍ଟି କରିବା, ବାଲ୍ୟ ବିବାହ ବନ୍ଦ କରିବା ଏବଂ ନିଜେ ବାଲ୍ୟ ବିବାହ ନକରିବା ପାଇଁ ଶପଥ ନେବା ଆଦି ପଦକ୍ଷେପ ମାନ ଗ୍ରହଣ କରି ସେମାନେ ଉଦାହରଣ ସୃଷ୍ଟି କରିଛନ୍ତି । ସେମାନଙ୍କର ଏହି ସାହସିକ ପଦକ୍ଷେପ ଏବଂ ପ୍ରଗତିଶୀଳ ଚିନ୍ତା ସେମାନଙ୍କ ପାଇଁ ନୂଆ ପରିଚୟ ସୃଷ୍ଟି କରିଛି । ଏହି ବହିଟିରେ ସେମାନଙ୍କ ଅନୁଭୂତିରୁ କିଛି ସ୍ଥାନୀତ କରାଯାଇଛି । ଅନ୍ୟମାନଙ୍କୁ ଏହା ଉତ୍ସାହ ଦେବ ବୋଲି ଆମେ ଆଶାକରୁଛୁ ।

ଧନ୍ୟବାଦ ସହ
ଇଂ, ହରିଶଙ୍କର ରାଉତ
ସଂପାଦକ, ସ୍ୱାତୀ

## ସୂଚୀପତ୍ର


| | |
|---|---|
| କନ୍ଧମାଳ ପାଇଁ ଗୌରବ ଆଣିଲେ ଝୁଲିମା | ୫ |
| ସୁନାଝିଅ ଝରଣା | ୧୧ |
| ଆତ୍ମନିଯୁକ୍ତି ପାଇଁ ଅଂଟାଭିଡିଲେ ଉଷାରାଣୀ | ୧୪ |
| ପୁଣି ପାଠପଢା ଚାଲୁକଲେ ଆରତୀ | ୧୬ |
| ନିଜ ବିବାହ ରୋକିବାରେ ସଫଳ ହେଲେ ସାମନ୍ତାଣୀ | ୧୮ |
| ନିଜ ପାଇଁ ରୋଜଗାର ବ୍ୟବସ୍ଥା ବାଛିଲେ ମଧୁସ୍ମିତା | ୨୧ |
| ନିଜର ଭୂଲ୍ ବୁଝିଲା ଚାମେଲି | ୨୩ |
| ଶଶୀରେଖାଙ୍କ ନିଜ କଥା | ୨୫ |
| ଅଭିଭାବକଙ୍କ ସଚେତନତାରୁ ବନ୍ଦ ହେଲା ବାଲ୍ୟ ବିବାହ | ୨୮ |
| ଅନନ୍ୟା କାର୍ଯ୍ୟକ୍ରମରୁ ବାଳିକା ସ୍ୱାସ୍ଥ୍ୟରକ୍ଷାର ଶିକ୍ଷା ପାଇଲେ ପ୍ରଣତି | ୨୯ |
| ବିବାହ ପ୍ରତ୍ୟାଖ୍ୟାନ କରି ପାଠ ପଢିଲେ ଗୀତାଞ୍ଜଳୀ | ୩୧ |
| ବାହାଘର ପିଲାଖେଳ ନୁହେଁ | ୩୨ |
| ସାଙ୍ଗ ପାଖକୁ ରେଶମାର ଚିଠି | ୩୫ |
| ବଣ୍ଡଗୁଡାର ଜୀବନଜ୍ୟୋତି ବାଳିକା ଦଳ | ୩୭ |
| ଅନ୍ୟଜଣେ ରେବତୀ | ୩୯ |
| ମୁଁ ଏବେ ସମର୍ଥା | ୪୧ |
| ଚାଂଚେଡି ଅଂଚଳର ବାଳିକା ମାନଙ୍କ ପ୍ରେରଣାର ଉତ୍ସ ବୀଣାପାଣି ଦିଦି | ୪୪ |
| ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟର ଧାରଣା ପାଇଲେ ପ୍ରିୟଙ୍କା | ୪୭ |

# କନ୍ଧମାଳ ପାଇଁ ଗୌରବ ଆଣିଲେ ଝୁଲିମା



କନ୍ଧମାଳ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ବାନ୍ଦୁଡି ଗାଁର କୋଡିଏ ବର୍ଷୀୟ ଝିଅ ଝୁଲିମା ମଲ୍ଲିକ । ବଣ ପାହାଡଘେରା ସେହି ଅଖ୍ୟାତ ଗାଁଟିର ଆଦିବାସୀ ଝିଅ ଝୁଲିମା ନିଜ ଗାଁ ଓ ଅଂଚଳରେ ବାଲ୍ୟବିବାହ ରୋକିବା ପାଇଁ ନେଇଥିବା ଉଲ୍ଲେଖନୀୟ ପ୍ରଚେଷ୍ଟା ପାଇଁ ଚଳିତ ବର୍ଷ ଜାତିସଂଘର ସ୍ୱେଚ୍ଛାସେବୀ ସମ୍ମାନ ୟୁନାଇଟେଡ୍ ନେସନ୍ସ ଭି-ଆୱାର୍ଡ ପାଇଛନ୍ତି । ସ୍ୱେଚ୍ଛାସେବୀ ହିସାବରେ ସାରା ବିଶ୍ୱରେ ଶାନ୍ତି ଓ ବିକାଶ ପାଇଁ କାର୍ଯ୍ୟକରୁଥିବା ଯୁବକ/ଯୁବତୀ ମାନଙ୍କୁ ଜାତିସଂଘର ସ୍ୱିକୃତ ଏକ ଅନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ସାରା ଦେଶରୁ ଏହି ପୁରସ୍କାର ପାଇଥିବା ୧୦ଜଣଙ୍କ ଭିତରେ ଝୁଲିମା ହେଉଛନ୍ତି ଜଣେ । ଗତ ଡିସେମ୍ବର ୫ତାରିଖ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି ।

ତାଙ୍କର ଏହି ସଫଳତା ପାଇଁ ପରିବାର ଓ ଗାଁ ଲୋକମାନେ ବିଶେଷ ଆନନ୍ଦିତ ହୋଇଥିବାବେଳେ ଅଂଚଳବାସୀ, ସେବା ଅନୁଷ୍ଠାନ ସ୍ୱାତୀ ଏବଂ ସେଭ୍ ଦି ଚିଲ୍ଡ୍ରେନ ତରଫରୁ ତାଙ୍କୁ ଅଭିନନ୍ଦନ ଦିଆଯାଇଛି ।

### ଝୁଲିମାଙ୍କ ଯାତ୍ରାପଥ

ନୂଆଗାଁ ବ୍ଲକ୍ ଗାନ୍ଧିଗାଁ ପଂଚାୟତର ଛୋଟିଆ ଗାଁଟିଏ ବାନ୍ଦୁଡି । ସାରଙ୍ଗଡ ଠାରୁ ପ୍ରାୟ ୧୨ କିଲୋମିଟର ଦୂରରେ ଗାଁ ଟି । ୪୦ଟି କନ୍ଧ ଆଦିବାସୀ ପରିବାର ରହନ୍ତି ଗାଁରେ । ଗାଁ ଚାରିପଟେ ପାହାଡ ଓ ଜଙ୍ଗଲ ଘେରି ରହିଛି । ଗାଁକୁ ଭଲ ରାସ୍ତାଟିଏ ନାହିଁ କି ଶିକ୍ଷା ଓ ସ୍ୱାସ୍ଥ୍ୟର ମଧ ବିକାଶ ହୋଇପାରିନାହିଁ । ଗାଁ ଲୋକେ ନିଜର ଅଳ୍ପକିଛି ଚାଷଜମି ଏବଂ ଜଙ୍ଗଲ ଉପରେ ନିର୍ଭରକରି ଚଳନ୍ତି । ଝୁଲିମା ନିଜ ପରିବାର ସହ ରହନ୍ତି ସେହି ବାନ୍ଦୁଡି ଗାଁରେ । ବାପା ଗତ ବର୍ଷ ରୋଗରେ ପଡି ମୃତ୍ୟୁବରଣ କଲେ । ଏବେ ମା ଓ ଭାଇ ଭାଉଜଙ୍କ ସହ ରହୁଛନ୍ତି ଝୁଲିମା । ଝୁଲିମାର ପିଲା ଦିନ କଟିଛି ଅନେକ ଅଭାବ ଅସୁବିଧା ଭିତରେ । ଗାଁର ଅନ୍ୟ ଝିଅମାନଙ୍କ ପରି ଗାଁ ସ୍କୁଲ୍‌ରେ ପାଠପଢିବା ସହ ବାପା

ମାଆଙ୍କ ସହ ମିଶି କ୍ଷେତ କାମ କରିବା, ଜଙ୍ଗଲକୁ ଯିବା ଆଦି କାମ କରିଥାନ୍ତି । ଗାଁ ସ୍କୁଲ୍‌ରେ ମାଇନର ପଢ଼ିଲେ ।  ଗାଁ ପାଖରେ ସରକାରୀ ହାଇସ୍କୁଲ ନଥିଲା ଏବଂ ପଢ଼ିବା ପାଇଁ ହେଲେ ୧୨ କିଲୋମିଟର ଜଙ୍ଗଲୀ ରାସ୍ତାରେ ସାରଙ୍ଗଡ ପର୍ଯ୍ୟନ୍ତ ଆସିବାକୁ ପଡୁଥିଲା । ଏତେଦୂର ଆସିବା ପାଇଁ ପରିବାର ଲୋକ ଆକଟ କରିବାରୁ ଗାଁ ପାଖରେ ଖୋଲିଥିବା ଏକ ବେସରକାରୀ ହାଇସ୍କୁଲରେ ମାଟ୍ରିକ ପଢ଼ିବା ଆରମ୍ଭ କଲେ । ତେବେ ସେଠାରେ ଶିକ୍ଷକ ଅଭାବ ଯୋଗୁଁ ପାଠପଢ଼ା ଠିକ୍ ହୋଇପାରୁନଥିଲା । ପରିବାରର ଆର୍ଥିକ ଦୂରାବସ୍ଥା ଯୋଗୁଁ ଝୁଲିମା ନିଜ ପାଠ୍ୟଉପକରଣ କିଣିବାକୁ ମଧ ସକ୍ଷମ ହେଉନଥିଲେ । ତେଣୁ ମାଟ୍ରିକ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇପାରିଲେ ନାହିଁ ।

ବାପାଙ୍କ ଦେହ ଅସୁସ୍ଥ ହେବାରୁ ଆଉ ପାଠପଢ଼ିବା ସୁବିଧା ହେଲା ନାହିଁ । ତେଣୁ ମାଆ ଓ ଭାଇଙ୍କ ସହ ମିଶି ଘରକାମ କରିବା ଓ ବାପାଙ୍କ ଯତ୍ନନେବାକୁ ପଡିଲା । କିଛି ଦିନ ପରେ ବାପା ମରିଗଲେ । ଏସବୁ ପାରିବାରିକ ଦୁରାବସ୍ଥା ଓ ଜଣେ ଝିଅ ହିସାବରେ ନିଜ ଜୀବନର ନାନା ସମସ୍ୟା ତାଙ୍କୁ ଅନେକ ଅନୁଭବ ଆଣିଦେଲା । ତାଙ୍କୁ ଲାଗିଲା ଯେ, ଗାଁର ସବୁଝିଅ ମାନଙ୍କ ପରି ଏଥର ପରିବାର ଲୋକେ ତାଙ୍କର ବାହାଘର କରିଦେବେ, ଶାଶୁଘର ଯାଇ ସେ ନିଜର ଗତାନୁଗତିକ ଜୀବନ ସଂଘର୍ଷ ଆରମ୍ଭ କରିବେ । ଏକୁଟିଆ ବେଳେ ସେ ଭାବୁଥିଲେ ଯେ, ଏମିତି ଅଂଚଳରେ ତା ପରି ଝିଅ ମାନଙ୍କ ଜୀବନ ସତରେ କେତେ ସାଧାରଣ । ସେ ଅନ୍ୟ ସଚ୍ଛଳ ପରିବାରର ଝିଅ ମାନଙ୍କ ଜୀବନ ସହ ନିଜ ଅ□ଳର ଝିଅମାନଙ୍କ ଜୀବନ ତୁଳନା କଲାବେଳେ ବେଶ୍ ଅସହାୟ ବୋଧ କରୁଥିଲେ । ଆହା ଯଦି ସେମାନଙ୍କୁ ନିଜ ଜୀବନର ଗଢ଼ିବାକୁ ସେମିତି ପରିବେଶ ଓ ପ୍ରେରଣା ମିଳନ୍ତା ତାହେଲେ ତା ଅଂଚଳର ଝିଅମାନଙ୍କ ଜୀବନ କେତେ ସୁଖମୟ ହୁଅନ୍ତା ତାହେଲେ !



ଗାଁରେ ଥିବାବେଳେ ଦିନେ ସ୍ୱାତୀର କର୍ମୀ ଗାୟତ୍ରୀଙ୍କ ସହ ତାଙ୍କର ସାକ୍ଷାତ ହେଲା । ସେ ତାକୁ ଅନନ୍ୟା କାର୍ଯ୍ୟକ୍ରମ ବିଷୟରେ ବୁଝାଇଲେ । ସ୍ୱାତୀ ଓ ସେଭ୍ ଦି ଚିଲ୍ଡ୍ରେନ ତରଫରୁ ହେଉଥିବା କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ନିରୋଧ ସାଙ୍ଗକୁ କିଶୋରୀ ବାଳିକା ମାନଙ୍କର ଭବିଷ୍ୟତ ଗଠନ, ଆତ୍ମବିଶ୍ୱାସ ବୃଦ୍ଧି, ସ୍ୱାସ୍ଥ୍ୟ ସମସ୍ୟା ନିରାକରଣ ଏବଂ ଆତ୍ମନିର୍ଭରଶୀଳତା ଆଦି ସଂପର୍କରେ ଶିକ୍ଷା ଦିଆଯାଉଥିବା ଜଣାଇଥିଲେ । ଏସବୁ କଥା ତାଙ୍କୁ ବେଶ୍ ଉତ୍ସାହିତ କଲା । ତେଣୁ ଅନନ୍ୟା କାର୍ଯ୍ୟକ୍ରମରେ ସାମିଲ ହେବାକୁ ସେ ନିଷ୍ପ□ନେଲେ । ଘରେ ଜଣାଇ


ଗାଁର ଆଉ ଜଣେ ସାଙ୍ଗ ଝିଅ ସହ ସେ ୨୦୧୭ ମସିହାରେ ବନ୍ଧଗଡ ସ୍ୱାତୀ କାର୍ଯ୍ୟାଳୟରେ ଅନନ୍ୟାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଲେ । ଏହି କାର୍ଯ୍ୟକ୍ରମ ଓ ତାଲିମ ତାଙ୍କୁ ବେଶ୍ ପ୍ରଭାବିତ କଲା । ସେଠାରେ ଦିଆଯାଉଥିବା ବାଳିକା ସ୍ୱାସ୍ଥ୍ୟ, ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟ ଏବଂ ବାଲ୍ୟ ବିବାହ ଓ ସ୍ଥାନୀୟ ବାଳିକା ମାନଙ୍କ ଭବିଷ୍ୟତ ଉପରେ ତାର କୁପ୍ରଭାବ ଆଦି ବିଷୟ ଗୁଡିକ ବିଷୟରେ ଜାଣି ପାରିଲେ ।

ପ୍ରଶିକ୍ଷଣ ପରେ ଗାଁକୁ ଫେରି ସେ ଗାଁର ଅନ୍ୟାନ୍ୟ ବାଳିକା ମାନଙ୍କୁ ଏକାଠି କରି ବାଳିକା ଦଳଟିଏ ଗଢିଲେ । ସ୍ୱାତୀର କର୍ମୀ ଥରକୁଥର ଗାଁକୁ ଯାଇ ବାଳିକା ମାନଙ୍କୁ ସେମାନଙ୍କ ସମସ୍ୟା ଓ ଭବିଷ୍ୟତ ବିକାଶ ସଂପର୍କରେ ଅନେକ କଥା ବୁଝାଉଥିଲେ । ଏସବୁ କଥା ଜୁଲିମାଙ୍କୁ ବେଶ୍ ଉତ୍ସାହିତ କରୁଥିଲା । ସେହି ସମୟକୁ ପରିବାରରେ ତାଙ୍କ ବାହାଘର ସ୍ଥିର କରୁଥିଲେ । କିନ୍ତୁ ୧୮ ବର୍ଷ ପୁରି ନଥିବାରୁ ସେ ବିବାହ କରିବେ ନାହିଁ ମାଙ୍କୁ ଜଣାଇଲେ । କମ୍ ବୟସରେ ଝିଅମାନେ ବାହାହେଲେ ଭବିଷ୍ୟତରେ କିପରି ନାନା ରୋଗରେ ପଡନ୍ତି ଏବଂ ସମସ୍ୟା ଭୋଗନ୍ତି ତାହା ଜଣାଇଲେ । ଶେଷରେ ମା ତା କଥାରେ ରାଜି ହୋଇ ବିବାହ ବନ୍ଦ କଲେ । ଏହି ଘଟଣା ତାଙ୍କୁ ବହୁତ ଆଶ୍ୱାସନା ଦେଲା ଏବଂ ନିଜ ନିଷ୍ପତି କାର୍ଯ୍ୟକାରୀ କରିଥିବାରୁ ବେଶ୍ ଆତ୍ମବିଶ୍ୱାସ ଆସିଲା । ଅନନ୍ୟାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଶିଶୁ ସୁରକ୍ଷା ଆଇନ, ମହିଳା ଅଧିକାର, ବାଳିକା ମାନଙ୍କ ସୁରକ୍ଷା ଆଦି ସଂପର୍କିତ ଆଇନ ଓ ସହାୟତା ବ୍ୟବସ୍ଥା ସବୁ ଜାଣିଲେ । ତେଣୁ ବାଳିକା ମାନଙ୍କ ଉନ୍ନତୀ ପାଇଁ ତାଙ୍କୁ ସ୍ୱର ଉଠାଇବାକୁ ପଡିବ ବୋଲି ସେ ଦୃଢ ନିଷ୍ପତି ନେଲେ ।

ଏହି ସମୟକୁ ଗାଁରେ କମ୍ ବୟସର ଏକ ବାଳିକାର ବାହାଘର ସ୍ଥିର ହୋଇଥିଲା । ପୁଅଟିକୁ ୨୧ ବର୍ଷ ହୋଇଥିଲେ ମଧ୍ୟ ଝିଅଟିକୁ ୧୭ ବର୍ଷ ହୋଇଥିଲା । ଏହି ବାହାଘର ବନ୍ଦ କରିବା ପାଇଁ ସେ ନିଜ ବାଳିକା ଦଳରେ ଆଲୋଚନା



କଲା । ସମସ୍ତେ ମିଶି ଝିଅର ପରିବାର ଲୋକଙ୍କୁ ବୁଝାଇଲେ । ସେମାନେ ନ ମାନିବାରୁ ସ୍ୱାତୀ କର୍ମୀଙ୍କୁ ଜଣାଇଲେ । ସ୍ୱାତୀ କର୍ମୀ ଏବଂ ଜୁଲିମା ଝିଅ ଘରକୁ ଯାଇ ତାର ବାପା ମାଙ୍କୁ ବୁଝାଇଲେ । କମ୍ ବୟସ ହୋଇଥିବାରୁ ତାର ବାହାଘର କଲେ ଝିଅର ଭବିଷ୍ୟତ ନଷ୍ଟ ହୋଇଯିବ ବୋଲି ଜଣାଇଲେ । ଏହା ମଧ୍ୟ ଆଇନଗତ ଅପରାଧ ଏବଂ ବିବାହ ଦେଲେ ଆଇନରେ ଦଣ୍ଡ ମିଳିବ ବୋଲି ଜଣାଇଲେ । ଶେଷରେ ଝିଅର ବାପା ମା ବାହାଘର ବନ୍ଦ କଲେ । ସେହି ପରି ଗାଁରେ ଆଉ ଜଣେ ଝିଅର ପାଠପଢ଼ା ଅଧାରୁ ବନ୍ଦ କରି ବାପା ମା ବାହାଦେବାକୁ ସ୍ଥିର କରିଥିଲେ । ଜୁଲିମା ନିଜେ ପଦକ୍ଷେପ ନେଇ ଝିଅଟି କମ୍ ବୟସର ଏବଂ ପାଠ ପଢୁଥିବାରୁ ତାର ବାହାଘର ନକରିବା ପାଇଁ ପରିବାର ଲୋକଙ୍କୁ ଜଣାଇଲେ । ତେବେ ବାହାଘର ସ୍ଥିର ହୋଇସାରିଛି କହି ପୁଅ ପକ୍ଷ ଜୁଲିମାକୁ ନାନା ଗାଳିକଲେ । ଜୁଲିମା ମଧ୍ୟ ଭୟ ନକରି ଦରକାର ହେଲେ ଶିଶୁ ସୁରକ୍ଷା ସମିତି ଓ ଥାନାକୁ ଖବର ଦେବେ ବୋଲି ଜଣାଇଲେ । ଶେଷରେ ଝିଅଟିର ବାହାଘର ବନ୍ଦ ହେଲା । ଏବେ ଝିଅଟି ସିଲେଇ ତାଲିମ ନେଇ ବାଙ୍ଗାଲୋରରେ ଚାକିରି କରୁଛି ଏବଂ ମାସକୁ ସାତ ହଜାର ଟଙ୍କା ରୋଜଗାର କରୁଛି ।




ଏହି ସବୁ ଘଟଣା ତାଙ୍କୁ ଆହୁରି ଦୃଢ଼ କଲା । ସେ ନିଜ ଗାଁ ସହ ଆଖପାଖି ଗାଁରେ ମଧ୍ୟ ବାଳିକା ମାନଙ୍କୁ ଅନନ୍ୟା କାର୍ଯ୍ୟକ୍ରମ ବିଷୟରେ ବୁଝାଇ ସଂଗଠିତ କଲେ । ଏ ପର୍ଯ୍ୟନ୍ତ ସେ ୧୨ଟି ବାଲ୍ୟ ବିବାହ ରୋକି ସାରିଲେଣି । ନିଜ ଗାଁରେ ଏକ ବାଳିକା ଦଳ ସହ ଏକ ଶିଶୁ ସୁରକ୍ଷା ଦଳ ପରିଚାଳନା କରୁଛନ୍ତି । ସେହିପରି କାର୍ଯ୍ୟକ୍ରମରେ ଜଡିତ ହେବା ପରେ ନିଜେ ଛାଡି ଦେଇଥିବା ପାଠେପଢ଼ା ପୁଣି ଚାଲୁ କରିଛନ୍ତି । ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଦେବାକୁ ସେ ନାଁ ଲେଖାଇଛନ୍ତି ।

ସ୍ଥାନୀୟ ବାଳିକା ମାନଙ୍କ ସମସ୍ୟା ଓ ବାଲ୍ୟ ବିବାହର କୁପ୍ରଭାବ ଆଦି ବିଷୟରେ ସେ ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରର ବିଭିନ୍ନ ସମାବେଶ ଯୋଗଦେଇ ମତ ଉପସ୍ଥାପନ କରିଛନ୍ତି । ବ୍ଲକ୍‌ସ୍ତରୀୟ ଅନନ୍ୟା ବାଳିକା ମହାସଂଘର ସେ ଏବେ ଜଣେ ସଦସ୍ୟା । ଗତବର୍ଷ ସେ ବିହାରର ପାଟନା ଠାରେ ଅନୁଷ୍ଠିତ ଏକ ଜାତୀୟ ସମାବେଶରେ ଯୋଗ ଦେଇ ନିଜ ବାଳିକା ଦଳର ବିଭିନ୍ନ କାର୍ଯ୍ୟ ବିଷୟରେ ଉପସ୍ଥାପନ କରିଥିଲେ । ତାଙ୍କର ଏହି ପ୍ରଚେଷ୍ଟା ଓ ପଦକ୍ଷେପ ପାଇଁ ଚଳିତ ବର୍ଷ ଯେତେବେଳେ ଜାତିସଂଘ ସ୍ୱେଚ୍ଛାସେବୀ ପୁରସ୍କାର ମିଳିବାକୁ ତାଙ୍କୁ ଚୟନ କରାଗଲା ବେଶ୍ ଉତ୍ସାହିତ ହୋଇ ପଡିଥିଲେ ସେ । ଏହି ପୁରସ୍କାର କେବଳ ତାଙ୍କର ନୁହେଁ ତାଙ୍କ ସହ ଅନନ୍ୟା କାର୍ଯ୍ୟକ୍ରମରେ ସଂପୃକ୍ତ ରହି ସ୍ଥାନୀୟ ଅଂଚଳର ବାଳିକା ମାନଙ୍କ ସମସ୍ୟା ଓ ବାଲ୍ୟ ବିବାହ ବିରୋଧରେ ଲଢୁଥିବା ସବୁ ବାଳିକା ମାନଙ୍କର । ଏହି ପୁରସ୍କାର ସେମାନଙ୍କୁ ଅଧିକ ଦୃଢ଼ କରିଛି ଏବଂ କାମ କରିବାକୁ ପ୍ରେରଣା ଦେଇଛି ବୋଲି ତାଙ୍କ ମତ ।

## ଝୁଲିମାଙ୍କ ନିଜ ଅନୁଭୂତିରୁ



ବାନ୍ଦୁଡି ଗାଁର ବାଳିକା ଦଳରୁ ନୂଆଦିଲ୍ଲୀର ଜାତିସଙ୍ଘ ସ୍ୱେଚ୍ଛାସେବୀ ସମାବେଶ । ଭୁବନେଶ୍ୱରରୁ ନୂଆଦିଲ୍ଲୀ ଯିବା ପାଇଁ ଉଡାଜାହାଜରେ ବସିବା ବେଳକୁ ଯେତିକି ଖୁସି ଲାଗୁଥାଏ ସେତିକି ଭୟ ମଧ ଲାଗୁଥାଏ । ଜାତିସଂଘର ମିଟିଂ, କେତେ ବଡବଡ ଲୋକମାନେ ଆସିଥିବେ ସେଠିକି । ସାରା ପୃଥିବୀର ଦେଶ ମାନଙ୍କ ସଂଗଠନ ଜାତିସଂଘ । କେତେ ଅଫିସର, ମନ୍ତ୍ରୀ ଓ ସଂସ୍ଥାର କର୍ମୀମାନେ ଆସିଥିବେ । ସମସ୍ତେ ଇଂରାଜୀରେ କଥା ହେଉଥିବେ ।  ସେଠି ମୁଁ କଣ କହିବ କେମିତି କହିବି । ତେବେ ସାଥିରେ ସ୍ୱାତୀର ସ୍ୱାଇଁ ସାର ଓ ସେଭ୍ ଦି ଚିଲ୍ଡ୍ରେନ୍ର ମାଡାମ ମାନେ ଥିବାରୁ ଟିକେ ସାହାସ ଆସୁଥିଲା ।

ବାଦଲ ଭିତରେ ଉଡିଉଡି ଯାଉଥିଲା ଉଡାଜାହାଜ । ଏ ଅନୁଭୂତି ମୋପାଇଁ ଥିଲା ସଂପୂର୍ଣ୍ଣ ନିଆରା । ଉଡାଜାହାଜ ଭିତରେ କେତେ ବଡବଡ ଧନୀ ଲୋକମାନେ ବସିଥାନ୍ତି । ନିଜ ଦେଶର ଲୋକମାନଙ୍କ ସହ ବାହାର ଦେଶର ଲୋକମାନେ ବି ଯାଉଥାନ୍ତି । ମୋତେ ଅନୁଭବ ହେଉଥିଲା ସତରେ ଏ ପୃଥିବୀ କେତେ ବଡ । ଫୁଲବାଣୀ ଜିଲ୍ଲା ବାହାରକୁ କେବେ ଯାଇନଥିବା କି ବାହାର ଦେଶ କଥା ଜାଣିନଥିବା ମୋ ପରି ଆମ ଅଂଚଳର ଝିଅମାନେ ସତରେ କେତେ ନିବୁଜ ଭାବରେ ରହିଛୁ ଆମେ । ମୁଁ ସେଥିରେ ଯାଉଥିବା ଝିଅ ଓ ମହିଳା ମାନଙ୍କୁ ଲକ୍ଷ୍ୟ କରୁଥିଲି । କେତେ ସ୍ମାର୍ଟ ଭାବରେ କଥାବା୍ତ କରୁଥିଲେ ସେମାନେ । ଅଥଚ ଆମ ଅଂଚଳରେ ଆମେ ଝିଅମାନେ କେତେ ବନ୍ଧନ, କେତେ ଚାପ ଆଉ ସାମାଜିକ କଟକଣା ଭିତରେ ଜୀବନ ବଂଚୁଛୁ । ଏହି ଯାତ୍ରା ମୋତେ ଯେମିତି ଗୋଟେ ପକ୍ଷୀର ସ୍ୱାଧିନତା ଅନୁଭବ ଆଣି ଦେଉଥିଲା ।

ନୂଆଦିଲ୍ଲୀରେ ଦୁଇଦିନର ସମାବେଶ ଥିଲା । ବହୁତ ଉଚ୍ଚ ପଦପଦବୀର ଲୋକ, ଜୀବନରେ ସଫଳତା ପାଇଥିବା ଲୋକ, ବଡବଡ କାମ କରିଥିବା ଲୋକ, ସାମାଜିକ କର୍ମୀ ଆଦି ଉପସ୍ଥିତ ଥିଲେ ସେଠାରେ । ପ୍ରବେଶ ଦ୍ୱାର ପାଖରେ ମୋର ଫଟୋଥିବା ଏବଂ ମୋ ବିଷୟରେ ଇଂରେଜିରେ ଲେଖାଥିବା ଏକ ବ୍ୟାନର ଲଗାଯାଇଥିଲା । ତାହା ଦେଖି ମୋ ମନ ଛଳଛଳ ହୋଇଗଲା । ଜୀବନର ଭଲକାମର ନିଶ୍ଚୟ ମହ୍ୱ ରହିଛି ଏହା ତୁମକୁ ନିଶ୍ଚୟ ଅନ୍ୟମାନଙ୍କ ପାଖରେ ଦିନେ ନା ଦିନେ ପରିଚିତ କରିବ । ଏହି ବିଶ୍ୱାସ ଟି ଦୃଢ ହେଉଥିଲା ମନରେ ଏବଂ ଆତ୍ମବିଶ୍ୱାସରେ ପୁରି ଉଠିଲା ।

ସଭାରେ ପ୍ରଥମ ଦିନ ସାରା ବିଶ୍ୱର ବିଭିନ୍ନ ସମସ୍ୟା ଏବଂ ସେଥିପାଇଁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ନେଇଥିବା ସଫଳ ପଦକ୍ଷେପ ଗୁଡିକ ଉପସ୍ଥାପନା କରୁଥିଲେ । କେହି କେହି ହିନ୍ଦିରେ ଏବଂ କେହି ଇଂରେଜୀ ଭାଷାରେ କହୁଥିଲେ

। ସାଇଁ ସାର ସେ ସବୁ ମୋତେ ଓଡିଆରେ ବୁଝାଇ ଦେଉଥିଲେ । କେହି ମହିଳା ସଶକ୍ତିକରଣ ପାଇଁ ନେଇଥିବା ପଦକ୍ଷେପ, କେହି ଶିକ୍ଷାର ପ୍ରସାର ପାଇଁ କରୁଥିବା କାର୍ଯ୍ୟ, କେହି ବୁଲା ପଶୁପକ୍ଷୀ ମାନଙ୍କ ସୁରକ୍ଷା ପାଇଁ ନେଉଥିବା ଯତ୍ନ, କେହି ଦିବ୍ୟାଙ୍ଗ ମାନଙ୍କ ବିକାଶ ପାଇଁ କରୁଥିବା କାର୍ଯ୍ୟ ଆଦି ବିଷୟରେ କହିଥିଲେ । ମୋତେ ଯେତେବେଳେ ମୋର କାମ ବିଷୟରେ କହିବାକୁ କୁହାଗଲା ପ୍ରଥମେ କିଛି ଭୟ ଲାଗୁଥିଲା । ସାଇଁ ସାର ମୋତେ ଓଡିଆରେ କହିବା ପାଇଁ କହିଲେ ଏବଂ ମୋକଥା ସବୁକୁ ଅନୁବାଦ କରି ସମସ୍ତଙ୍କୁ ଜଣାଇବା ପାଇଁ ମୋ ସହିତ ମଧ ମଂଚକୁ ଗଲେ । ମଂଚ ଉପରୁ ମୁଁ ସାମ୍ନାରେ ବସିଥିବା ଲୋକମାନଙ୍କୁ ଯେତେବେଳେ ଚାହିଁଲି ମୋତେ ଲାଗିଲା ସମସ୍ତେ ଯେମିତି ମୋ କଥାକୁ ଶୁଣିବାକୁ ଉତ୍ସୁକତାରେ ଚାହିଁ ବସିଛନ୍ତି । ସମସ୍ତଙ୍କୁ ସମ୍ମାନ ଜଣାଇ ମୁଁ ମୋ ବକ୍ତବ୍ୟ ଆରମ୍ଭ କଲି । ମୋ ଗାଁ, ଅଂଚଳ ଓ ଜିଲ୍ଲାର ଅବସ୍ଥା, ଆମ ବାଳିକା ମାନଙ୍କର ସମସ୍ୟା ଆଦି ବିଷୟରେ କହିଲି । ବାଲ୍ୟବିବାହ ଯୋଗୁଁ ଆମେ ବାଳିକାମାନେ ସାମ୍ନା କରୁଥିବା ବିଭିନ୍ନ ଅସୁବିଧା ବିଷୟରେ କହିଲି । ଆମ୍ଭେମାନେ କିପରି ଅନନ୍ୟା କାର୍ଯ୍ୟକ୍ରମ ମାଧମରେ ସଂଗଠିତ ହୋଇ ବାଲ୍ୟବିବାହକୁ ରୋକିବାକୁ ପଦକ୍ଷେପ ନେଉଛୁ ଏବଂ ଅନେକ ବାଲ୍ୟବିବାହ ବନ୍ଦ କରିବାରେ ସଫଳ ହୋଇଛୁ ତାହା ଜଣାଇଲି । କେବଳ ବାଲ୍ୟ ବିବାହ ବନ୍ଦ ନୁହେଁ ଅଧାରୁ ପାଠଛାଡିଥିବା ବାଳିକା ମାନେ ପୁଣି ପାଠପଢା ଆରମ୍ଭ କରିଛୁ ଏବଂ ନିଜେ ଆତ୍ମନିର୍ଭରଶୀଳ ହେବାପାଇଁ ମଧ ଚେଷ୍ଟିତ ହେଉଛୁ । ଆମେ ଝିଅମାନେ ଏସବୁ କାମ କରୁଥିବା ଶୁଣି ଅନ୍ୟମାନେ ବେଶ୍ ପ୍ରଶଂସା କଲେ । ମୁଁ ଓଡିଆରେ କହିବା ସହ ମଝିରେ ମଝିରେ ଅଳ୍ପଅଳ୍ପ ହିନ୍ଦିମିଶା କଥା କହୁଥିଲି । ମୋର ବକ୍ତବ୍ୟ ଶୁଣିବାପାଇଁ ଅନ୍ୟମାନଙ୍କ ଉତ୍ସୁକତା ମୋତେ କହିବା ପାଇଁ ଅଧିକ ଉତ୍ସାହିତ କରୁଥିଲା । ଦ୍ୱିତୀୟ ଦିନ ଆମ ୧୦ ଜଣଙ୍କୁ ମଂଚ ଉପରେ ମାନପତ୍ର ଦେଇ ସମ୍ମାନୀତ କରାଗଲା । ଆମକୁ ନିଜର ଏହି କାମ ଚାଲୁ ରଖିବା ପାଇଁ ଜାତିସଂଘ ସଦସ୍ୟ ଓ ଉପସ୍ଥିତ ଅତିଥି ମାନେ ପ୍ରେରଣା ଓ ପରାମର୍ଶ ଦେଲେ ।



ଦିଲ୍ଲୀରୁ ଫେରି ଫୁଲବାଣୀରେ ପହଞ୍ଚିଲା ବେଳକୁ ମୁଁ ଜାତିସଂଘ ସ୍ୱେଚ୍ଛାସେବୀ ସମ୍ମାନରେ ସମ୍ମାନୀତ ହୋଇଥିବା କଥା ଖବରକାଗଜ ଗୁଡିକରେ ବାହାରି ଚାରିଆଡେ ପ୍ରଚାରିତ ହୋଇ ସାରିଥିଲା । ଏକଥା ଜାଣି ମୋ ଅଂଚଳର ଲୋକ ବି ବହୁତ ଖୁସି ହେଲେ । ଆମ ବଣ୍ଡଗୁଡା ପଂଚାୟତ ଅନନ୍ୟା ବାଳିକା ସଂଘ ଏଥିପାଇଁ ମୋତେ ଏକ ଘଂଟା ଉପହାର ଦେଇ ସମ୍ମାନୀତ କଲେ । ଆମ ଅଂଚଳର ବାଳିକା ମାନଙ୍କର ଏବଂ ମହିଳା ମାନଙ୍କର ସମସ୍ୟା ସବୁ ଦୂରକରି ଉନ୍ନତୀ କରିବାକୁ ହେଲେ ଆହୁରି ଅନେକ କିଛି କାମ କରିବାକୁ ଅଛି । ଜଣେ ସ୍ୱେଚ୍ଛାସେବୀ ହିସାବରେ ସାରା ଜୀବନ ଏହି କାମ କରିବାକୁ ମୁଁ ଶପଥ ନେଇଛି ।

# ସୁନାଝିଅ ଝରଣା



ନୂଆଗାଁ ବ୍ଲକ୍ ଲେଡିଙ୍ଗିଆ ଗାଁର କୋଡିଏ ବର୍ଷର ଝିଅ ଝରଣା । ଲେଡିଙ୍ଗିଆ ପରି ଏକ ଆଭ୍ୟନ୍ତରିଣ ଅଂଚଳରେ ବାଲ୍ୟ ବିବାହ ରୋକିବା ଏବଂ ଝିଅମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସଂଗଠିତ କରିବା ଦିଗରେ ଏବେ ସେ ଗାଁ ଓ ଆଖପାଖ ଅଂଚଳରେ ବେଶ୍ ପରିଚିତା । ତାଙ୍କର ପ୍ରଶଂସନୀୟ କାମ ପାଇଁ ଜିଲ୍ଲା ଓ ରାଜ୍ୟ ସ୍ତରରେ ସାବାସୀ ପାଇବା ସହ ବ୍ଲକ୍ ବାଳିକା ସଂଘର କର୍ମକର୍ତ୍ତା ମଧ୍ୟ ହୋଇ ପାରିଛନ୍ତି । ତେବେ ଏହି ସଫଳତା ପାଇଁ ତାଙ୍କୁ କିଛି କମ୍ ସଂଘର୍ଷ କରିବାକୁ ପଡିନାହିଁ ।

ଲେଡିଙ୍ଗିଆରେ ୩୦୦ରୁ ଅଧିକ ଅଦିବାସୀ, ହରିଜନ ଓ ପଛୁଆବର୍ଗର ପରିବାର ରହନ୍ତି । ପାହାଡ ଓ ଜଙ୍ଗଲ ଅଂଚଳରେ ରହୁଥିବା ଏହି ଗାଁର ଲୋକମାନେ ବିଶେଷକରି ଚାଷକାମ, ଜଙ୍ଗଲୀ ଜିନିଷ ସଂଗ୍ରହ ଏବଂ ପଶୁପାଳନରୁ ଜୀବନ ବଂଚିଥାନ୍ତି । ଗାଁ ଗୁଡିକରେ ଶିକ୍ଷା ଓ ସଚେତନତା ହାର ବହୁତ କମ୍ । ପାରଂପରିକ ଚଳଣୀକୁ ନେଇ ଚଳିଆସୁଥିବାରୁ ସେମାନଙ୍କ ଭିତରେ ଅନେକ ଅନ୍ଧବିଶ୍ୱାସ ଏବଂ କୁସଂସ୍କାର ରହିଥାଏ । ସେମାନଙ୍କ ମଧ୍ୟରେ ଝିଅମାନଙ୍କୁ ଛୋଟ ବୟସରେ ବିବାହ ଦେବା ପରି କୁପ୍ରଥା ମଧ୍ୟ ପ୍ରଚଳିତ ଥାଏ । ଝିଅଟିଏ ଜ୍ଞାନପ୍ରାପ୍ତ ହେବା ପରେ ତାର ବୟସକୁ ବିଚାର ନକରି ପରିବାର ଲୋକମାନେ ତାକୁ ବିବାହ କରି ଦେଇଥାନ୍ତି । ଫଳରେ ଝିଅଟି କମ୍ ବୟସରେ ବିବାହ କରି ମାନସିକ ଚାପ, ନାନା ରୋଗ ଓ ପାରିବାରିକ ନିର୍ଯ୍ୟାତନାର ଶିକାର ହୋଇଥାଏ ।

ନିଜ ଗାଁ ଓ ସମାଜରେ ଝିଅ ମାନଙ୍କର ଏପରି ଦୁରାବସ୍ଥା ଝରଣାକୁ ବ୍ୟଥିତ କରୁଥାଏ । ବାଲିଗୁଡାରେ ମାଟ୍ରିକ ପଢା ଶେଷ କରି ରାଇକିଆରେ ଯୁକ୍ତ ଦୁଇ ପଢିବା ଯୋଗୁଁ ବାହାର ଦୁନିଆ ସଂପର୍କରେ ବେଶ୍ ଧାରଣା ଆସିଥାଏ ତାର । ତା ଭିତରେ ଏକ ପ୍ରଗତିଶୀଳ ଚିନ୍ତାଧାରା ଜନ୍ମ ନେଇଥାଏ । ନିଜର ଜଣେ ସାଙ୍ଗକୁ ତାର ପରିବାର ଲୋକେ ପାଠ ପଢା ଅଧାରୁ ଯେତେବେଳେ ବିବାହ କରିଦେଲେ ବହୁତ କଷ୍ଟ ଲାଗିଥିଲା ତାକୁ । ଝିଅଟିଏ ନିଜର ଉନ୍ନତୀ ପାଇଁ ଚିନ୍ତା କରିବାକୁ ସ୍ୱାଧିନତା ପାଇବା ସହ ସାବାଳିକା ହେବା ପରେ ଉପଯୁକ୍ତ ବୟସରେ ବିବାହ କରିବା ଆବଶ୍ୟକ ବୋଲି ସେ ଭାବୁଥାଏ ।

ଯୁକ୍ତ ଦୁଇ ପଢା ଶେଷରେ ବନ୍ଧୁବାନ୍ଧବ ମାନେ ତାର ବାପା ମାଆଙ୍କୁ ମଧ ତାର ବିବାହ କରିଦେବାକୁ ପ୍ରବର୍ତାଇଥିଲେ । ତେବେ ସେ ବିବାହ ନକରି ଅଧିକ ପଢିବା ପାଇଁ ବାପା ମାଆଙ୍କ ପାଖରେ ଜିଦ୍ କଲା । ପଢା ଶେଷରେ କିଛି ଆତ୍ମନିଯୁକ୍ତି ପନ୍ଥା କରିବା ପରେ ସେ ବିବାହ କରିବ ବୋଲି କହିଲା । ବାପା ମା ତା କଥାରେ ସମ୍ମତି ଦେଲେ । ବୋଧହୁଏ ଏହା ତା ପାଇଁ ଥିଲା ପ୍ରଥମ ବିଜୟ ।



ଏହି ସମୟକୁ ସ୍ୱାତୀ ଓ ସେଭ୍ ଦି ଚିଲ୍ଡ୍ରେନ୍ ଦ୍ୱାରା ଅଂଚଳରେ ଅନନ୍ୟା କାର୍ଯ୍ୟକ୍ରମ ଆରମ୍ଭ ହେଲା । ବାଲ୍ୟବିବାହ ରୋକିବା ସହ ଝିଅମାନଙ୍କୁ ଅତ୍ମନିର୍ଭରଶୀଳ କରିବା ଏବଂ ସଂଗଠିତ କରି ଶିକ୍ଷା ଓ ସ୍ୱାସ୍ଥ୍ୟ ସଚେତନ କରିବାପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାନ ହେଉଥିଲା । ସ୍ୱାତୀର କର୍ମୀଙ୍କ ଠାରୁ ଏହା ବୁଝିବା ପରେ ଝରଣାର ମନରେ ଏକ ନୂଆ ଆଶା ଦେଖାଦେଲା । ନିଜ ଅଂଚଳର ଝିଅ ମାନଙ୍କୁ ନୂଆ ଦିଗ ଦେଖାଇବା ପାଇଁ ଏହା ଏକ ଉପଯୁକ୍ତ ମାଧମ ବୋଲି ସେ ବିଚାର କଲେ । ସ୍ୱାତୀଦ୍ୱାରା ଆୟୋଜିତ କର୍ମଶାଳା ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଗୁଡିକରେ ସେ ଯୋଗ ଦେଲେ । ସେଠାରେ ବାଲ୍ୟବିବାହ ଯୋଗୁଁ ଝିଅ ମାନଙ୍କ ଉପରେ ପଡୁଥିବା କୁ ପ୍ରଭାବ ଏବଂ ଏହାକୁ ରୋକିବାକୁ ଥିବା ଆଇନ ଓ ପ୍ରାବଧାନ ଆଦି ବିଷୟରେ ଜାଣିଲେ । ସେହିପରି ଝିଅ ମାନଙ୍କୁ କିପରି ସଂଗଠିତ କରି ଏହାକୁ ପ୍ରତିରୋଧ କରାଯାଇ ପାରିବ ଏବଂ ସେମାନଙ୍କୁ ସ୍ୱାସ୍ଥ୍ୟ ଓ ଶିକ୍ଷା ସଚେତନ କରାଯାଇପାରିବ ସେ ସବୁର କୌଶଳ ମଧ ଜାଣିଲେ ।

ନିଜ ଗାଁରେ ସେ ଗୋଟିଏ କିଶୋରୀ ବାଳିକା ସଂଘ ଗଢିଲେ । ଗାଁର ସବୁ ଝିଅ ମାନଙ୍କୁ ଏକାଠି କରି ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କଲେ । ବାଲ୍ୟ ବିବାହର ବିଭିନ୍ନ ଖରାପ ପ୍ରଭାବ ବିଷୟରେ ସେମାନଙ୍କୁ ଶିକ୍ଷା ଦେଲେ । ବିବାହ ପୂର୍ବରୁ ଝିଅମାନେ କିପରି ମାନସିକ ଓ ଶାରିରୀକ ଭାବେ ପ୍ରସ୍ତୁତ ହେବା ଦରକାର ତାହା ବୁଝାଇଲେ । ସେମାନଙ୍କ କିଶୋରୀ ଦଳର ଝିଅଟିଏକୁ ଷୋହଳ ବର୍ଷ ବୟସରେ ତାଙ୍କ ଘରଲୋକେ ବାହା ଦେବା ପାଇଁ ସ୍ଥିର କରିଥାନ୍ତି । ଝିଅଟି ଠାରୁ ଏହି ଖବର ପାଇ ଦଳର ସମସ୍ତ ଝିଅମାନେ ତାହାକୁ ରୋକିବା ପାଇଁ ନିଷ୍ପ□ ନେଲେ । ସେମାନେ ଏକାଠି ଯାଇ ଝିଅର ଘରେ ବୁଝାଇଲେ । ତେବେ ଝିଅ ମାନଙ୍କ କଥାକୁ ପରିବାର ଲୋକେ ମାନିଲେ ନାହିଁ । ଝରଣା ଏ ବିଷୟରେ ସ୍ୱାତୀ ଅନୁଷ୍ଠାନର କର୍ମୀଙ୍କୁ ଜଣାଇଲେ । ସମସ୍ତଙ୍କ ଉପସ୍ଥିତିରେ ଝିଅଘର ପାଖରେ ବୈଠକଟିଏ ହେଲା । ଝିଅଟିର ବିବାହ ବୟସ ହୋଇ ନଥିବାରୁ ତାକୁ ବାହାଦେଲେ କଣ ସବୁ ସମସ୍ୟା ସୃଷ୍ଟି ହେବ ତାହା ଝରଣା ଓ ସ୍ୱାତୀ କର୍ମୀ ଜଣାଇଲେ । ପରିବାର ଲୋକେ ତଥାପି ରାଜି ନହେବାରୁ ଏହା କିପରି ଏକ ଅପରାଧ ଏବଂ ଏଥିପାଇଁ

କଣ ଆଇନଗତ ବ୍ୟବସ୍ଥା ରହିଛି ତାହା ଆଲୋଚନା କଲେ । ବହୁ ବୁଝାଶୁଝା ପରେ ଶେଷରେ ପରିବାର ଲୋକେ ସମ୍ମତ ହେଲେ । ଏହି ଘଟଣାଟି ଝରଣା ପାଇଁ ଆଉ ଏକ ବିଜୟ ଥିଲା ।




ଝରଣା ଦେଖିଲେ ଗାଁ ଲୋକମାନେ ବାଲ୍ୟ ବିବାହର କୁପରିଣାମ ବିଷୟରେ ସଂପୂର୍ଣ୍ଣ ଅଜ୍ଞ । ତେଣୁ ସେମାନଙ୍କୁ ସଚେତନ କରିବାକୁ କିଶୋରୀ ବାଳିକା ଦଳ ତରଫରୁ ଏକ ନାଟକ ଅଭିନୟ ପ୍ରସ୍ତୁତ କଲେ ଏବଂ ଗାଁରେ ତାହା ପ୍ରଦର୍ଶିତ କଲେ । କିଶୋରୀ ସଂଗଠନର ସମସ୍ତ ଝିଅଙ୍କ ପରିବାରକୁ ଯାଇ ବାଲ୍ୟବିବାହ ନକରାଇବାକୁ ପ୍ରବ□ାଇଲେ । କିଛି ଲୋକ ତାଙ୍କର ଏହି ଉଦ୍ୟମକୁ ନାପସନ୍ଦ କଲେ ବି ଯୁବ ଓ ଶିକ୍ଷିତ ଗୋଷ୍ଠି ବେଶ୍ ସମର୍ଥନ କଲେ । ଏହା ତାଙ୍କୁ ଅଧିକ ଉତ୍ସାହିତ କଲା ଏବଂ ଗାଁରେ ବାଲ୍ୟ ବିବାହ ନକରାଇଦେବାକୁ ସେମାନ ଦୃଢ ନିଷ୍ପ□ିନେଲେ ।



ନିଜର ଏହି ପ୍ରଶଂସନୀୟ ଉଦ୍ୟମ ପାଇଁ ସେ ବିଭିନ୍ନ ଜିଲ୍ଲାସ୍ତରୀୟ ଏବଂ ରାଜ୍ୟ ସ୍ତରୀୟ ମଂଚରେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇଲେ । ଜିଲ୍ଲାପାଳ, ମହିଳା କାମିଶନ ଏବଂ ଜିଲ୍ଲାର ବୁଦ୍ଧିଜୀବି ମାନଙ୍କ ଠାରୁ ତାଙ୍କୁ ସାବାସୀ ମଧ ମିଳିଲା । ଏବେ ଝରଣା ରାଇକିଆ କଲେଜରେ ଯୁକ୍ତ ତିନି ଶ୍ରେଣୀରେ ପାଠ ପଢୁଛନ୍ତି । ପାଠ ପଢା ସହ ନିଜର ସ୍ୱାବଲମ୍ବନ ପାଇଁ ଏକ ଦୋକାନ ମଧ ଆରମ୍ଭ କରିଛନ୍ତି । ଝିଅର ଏହି କାମପାଇଁ ବାପା ସୂର୍ଯ୍ୟ ନାୟକ ଏବଂ ମାଆ ମିନି ନାୟକ ବେଶ୍ ଗର୍ବିତ । ସାନ ଭଉଣୀ ସୋନମ ମଧ ଦିଦି ସହ ଏହି କାମରେ ବେଶ୍ ସହଯୋଗ କରୁଛି । ଝରଣା ମତରେ ଜଣେ ଶିକ୍ଷିତା ଝିଅ ହିସାବରେ ଏହି ସାମାଜିକ କୁସଂସ୍କାର ଦୂରକରିବା ତାଙ୍କର ପ୍ରଧାନ କର୍ତବ୍ୟ ଏବଂ ଏହା କରିପାରିଥିବାରୁ ସେ ବେଶ୍ ଆତ୍ମସନ୍ତୋଷ ପାଉଛନ୍ତି ।

# ଆତ୍ମନିଯୁକ୍ତି ପାଇଁ ଅଂଟାଭିଡିଲେ ଉଷାରାଣୀ



କନ୍ଧମାଳ ଜିଲ୍ଲା ନୂଆଗାଁ – ରାଇକିଆ ମୁଖ୍ୟରାସ୍ତା କଡରେ ଛୋଟିଆ ଗାଁଟିଏ ମାତାରପଦର । ସେହି ଗାଁରେ ବାପା, ମା, ଜେଜିମା ଓ ଭାଇ ସହ ରହନ୍ତି ଉଷାରାଣୀ । ଉଷାରାଣୀଙ୍କୁ ଯେତେବେଳେ ମାତ୍ର ୧୭ ବର୍ଷ ବୟସ ଘରୋଇ ଅଭାବ ଯୋଗୁଁ ଯୁକ୍ତ ଦୁଇ ଯାଏ ପାଠ ପଢି ଛାଡି ଦେଇଥିଲେ । ତେବେ ଘରେ ବସି ରହିଲେ ବାପା ମାଙ୍କର ଝିଅକୁ ବାହାଦେବା ଚିନ୍ତା ବଢିଯାଏ । ତାଛଡା ଅଂଚଳରେ ଝିଅ ମାନଙ୍କୁ କମ୍ ବୟସରୁ ବାହାଦେବାର ପ୍ରଥା ମଧ ଚଳିଆସୁଛି । ତେଣୁ ଅଯଥାରେ ବସି ରହିଲେ ପରିବାରଲୋକେ ତାଙ୍କ ବାହାଘର ପାଇଁ ନିଶ୍ଚୟ ଚିନ୍ତା କରିବେ ବୋଲି ତାଙ୍କର ଭୟ ରହିଥିଲା । ତେବେ କଣ କରିବେ ସେ ବିଷୟରେ କିଛି ଚିନ୍ତା କରିପାରୁନଥିଲେ ।

ଏହି ସମୟକୁ ସ୍ୱାତୀ ଓ ସେଭ୍ ଦି ଚିଲ୍ଡ୍ରେନ୍ ଦ୍ୱାରା ଅଂଚଳରେ ଅନନ୍ୟା କାର୍ଯ୍ୟକ୍ରମ ଆରମ୍ଭ ହେଉଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ ଅନୁଷ୍ଠାନ ତରଫରୁ କେ.ନୂଆଗାଁ ବ୍ଲକ୍‌ର ଗାଁ ଗୁଡିକରେ କିଶୋରୀ ଝିଅ ମାନଙ୍କୁ ବାଲ୍ୟ ବିବାହ ନିରୋଧ ଏବଂ ଆତ୍ମନିର୍ଭରଶୀଳ ହେବା ଦିଗରେ ପ୍ରେରଣା ଦିଆଯାଉଥିଲା । ସ୍ୱାତୀର ଜଣେ କର୍ମୀଙ୍କ ସହ ସାକ୍ଷାତ ହେଲା ଉଷାରାଣୀଙ୍କର । ଉଷାରାଣୀ ତାଙ୍କୁ ନିଜ ମନକଥା ଶୁଣାଇଲେ । ସ୍ୱାତୀର କର୍ମୀ ତାଙ୍କୁ ଅନୁଷ୍ଠାନ ଦ୍ୱାରା ହେଉଥିବା କିଶୋର/କିଶୋରୀ ପ୍ରଶିକ୍ଷଣ ଶିବିରରେ ଯୋଗଦେବାକୁ କହିଲେ ।

ଉଷାରାଣୀ ଏ ବିଷୟରେ ଘରେ ଜଣାଇଲେ । ଗୁଞ୍ଜିବାଡି ଠାରୁ ସ୍ୱାତୀର କାର୍ଯ୍ୟାଳୟ ଦୂରତା ପ୍ରାୟ ପଚାଶ କିଲୋମିଟର ଦୂର ହୋଇଥିବାରୁ ଏବଂ ଆଗରୁ ସେ ଏକୁଟିଆ ନିଜ ଗାଁ ଠାରୁ କେବେ ଦୂରକୁ ଯାଇ ନଥିବାରୁ ମାଆ ଅମଙ୍ଗ ହେଲେ । ତେବେ ବାପା ସ୍ଥାନୀୟ ଚର୍ଚ୍ଚରେ ପାଷ୍ଟର ଭାବେ କାମ କରୁଥିବାରୁ ସେବା ଅନୁଷ୍ଠାନ ଗୁଡିକର କାର୍ଯ୍ୟ ସଂପର୍କରେ ତାଙ୍କର ଧାରଣା ରହିଥିଲା ଏବଂ ଝିଅକୁ ସେଠାରୁ ଉତ୍ସାହ ଓ ପରାମର୍ଶ ମିଳିବ ବୋଲି ସେ ଜାଣିଥିଲେ । ଉଷାରାଣୀର କଥାରେ ସେ ସମ୍ମତ ହେଲେ । ବାପାଙ୍କ ସମ୍ମତିରୁ ଉଷାକୁ ବେଶ୍ ଉତ୍ସାହ ଓ ସାହସ ମିଳିଲା ।

ସେ ସ୍ୱାତୀର ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇ କିଶୋରୀ ବାଳିକା ମାନଙ୍କର ବିକାଶ ସଂପର୍କରେ ବିଭିନ୍ନ ବିଷୟମାନ ଶିଖିଲେ । ବାଲ୍ୟବିବାହର କୁପ୍ରଭାବ, କିଶୋରୀ ସ୍ୱାସ୍ଥ୍ୟ ସୁରକ୍ଷା, ମହିଳା ମାନଙ୍କ ଉପରେ ହେଉଥିବା ହିଂସା ଓ ତାର



ଆଇନଗତ ପଦକ୍ଷେପ ଏବଂ ମହିଳା ଅଧିକାର ସଂପର୍କରେ ବିଭିନ୍ନ ବିଷୟ ଜାଣିଲେ । ଏସବୁ ଆଲୋଚନା ତାଙ୍କୁ ବେଶ୍ ପ୍ରଭାବିତ କଲା ଏବଂ ଗାଁକୁ ଆସି ସେ ଗାଁରେ କିଶୋରୀ ବାଳିକା ସଂଘଟିଏ ଗଢିଲେ । ସଂଘରେ ପ୍ରଶିକ୍ଷଣରୁ ଜାଣିଥିବା ବିଷୟ ସବୁ ଆସି ସେମାନଙ୍କ ସହ ଆଲୋଚନା କଲେ । କମ୍ ବୟସରେ ବିବାହ ଦ୍ୱାରା ଝିଅ ମାନଙ୍କର ମାନସିକ, ଶାରିରୀକ ଏବଂ ସ୍ୱାସ୍ଥ୍ୟ ଉପରେ କିପରି କୁପ୍ରଭାବ ପଡେ ତାହା ଭବିଷ୍ୟତ ଜୀବନକୁ କିପରି ପ୍ରଭାବିତ କରେ ତାହା ଆଲୋଚନା କଲେ ।

ସ୍ୱାତୀର ପ୍ରଶିକ୍ଷଣ ଶିବିରରୁ ଆତ୍ମନିଯୁକ୍ତି ଏବଂ ଦକ୍ଷତା ବିକାଶ ସଂପର୍କରେ ଅନେକ ତଥ୍ୟ ମଧ ହାସଲ କଲେ । ସରକାରଙ୍କ ଦ୍ୱାରା ହେଉଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ନିଜକୁ ପଞ୍ଜିକୃତ କରାଇଲେ ଏବଂ ଚୌଦ୍ୱାର ଠାରେ ସିଲେଇ, କମ୍ପ୍ୟୁଟର ଏବଂ ଇଂରାଜି କଥନ ସଂପର୍କରେ ତାଲିମ ଗ୍ରହଣ କଲେ । ଏହି ତାଲିମ ପରେ ପ୍ରଶିକ୍ଷଣ ଦେଉଥିବା ସଂସ୍ଥା ଜରିଆରେ କେରଳର ଏକ କମ୍ପାନୀରେ କାମ କରିବାର ସୁଯୋଗ ପାଇଲେ । ୩୦ ଜଣ ଝିଅଙ୍କ ସହ କେରଳ ଯାଇ କିଟେକ୍ସ ଲିମିଟେଡ କମ୍ପାନୀରେ କାମ କଲେ । ସେଠାରେ ସକାଳ ସାଢେ ଆଠଟାରୁ ସନ୍ଧ୍ୟା ପା□ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଥିଲା । ପ୍ରଥମେ ତାଙ୍କୁ ପା□ହଜାର ଟଙ୍କା ପାରିଶ୍ରମିକ ମିଳିଲା ଏବଂ ଭଲ କାମ କରିବାରୁ ଛ ହଜାର ଟଙ୍କାକୁ ବଢାଇଲେ । ତେବେ ସେଠାକାର ଜଳବାୟୁ ତାଙ୍କୁ ସୁହାଇଲା ନାହିଁ ଏବଂ ଅଧିକ ସମୟ ପରିଶ୍ରମ ଯୋଗୁଁ ସ୍ୱାସ୍ଥ୍ୟ ଖରାପ ହୋଇଗଲା । ତେଣୁ ସେ ଗାଁ କୁ ଫେରି ଆସିଲେ ଏବଂ ପାଇଥିବା ତାଲିମକୁ ଉପଯୋଗ କରି ନିଜେ ଗାଁରେ ଉପାର୍ଜନ କରିବାକୁ ନିଷ୍ପ□ନେଲେ ।



ନିଜେ ସିଲେଇ ମେସିନ ଟିଏ କିଣି ସିଲେଇକେନ୍ଦ୍ରଟିଏ କରିବାକୁ ଠିକ୍ କଲେ । ନିଜେ ସେ ଅଳ୍ପ କିଛି ସଂଚୟ କରିଥିଲେ । ତାଙ୍କର ଉତ୍ସାହକୁ ଲକ୍ଷ୍ୟକରି ସ୍ୱାତୀ ତରଫରୁ କିଛି ଆର୍ଥିକ ସହାୟତା ଯୋଗାଇ ଦିଆଗଲା । ସିଲେଇ କେନ୍ଦ୍ର ପାଇଁ ଘରଟିଏ ନଥିବାରୁ ପ୍ରଥମେ ନିଜ ଘରୁ ସେ ଆରମ୍ଭ କରିବାକୁ ଠିକ୍ କରିଛନ୍ତି । ତାଙ୍କ ମତରେ ସେ ବେଶ୍ ନିପୁଣତାର ସହ ସିଲେଇ କାମ କରିପାରିବେ । ସେ ମହିଳା ମାନଙ୍କ ପରିଧାନ ସହ ସାର୍ଟ ପ୍ୟା□ଆଦି ମଧ ସିଲେଇ କରିପାରିବେ । ପ୍ରଥମେ ଏହି କାମ ପାଇଁ ତାଙ୍କୁ ଟିକେ କଷ୍ଟ ସ୍ୱିକାର କରିବାକୁ ପଡିବ, ତେବେ ଏଥିରେ ସେ ନିଶ୍ଚୟ ସଫଳ ହେବେ ବୋଲି ଆଶାବାଦୀ ।

# ପୁଣି ପାଠପଢା ଚାଲୁକଲେ ଆରତୀ



ଆରତୀ କେବେହେଲେ ମଧ ଚିନ୍ତା କରିନଥିଲେ ଯେ ଅଧାରୁ ଛାଡିଥିବା ପାଠପଢା ସେ ପୁଣିଥରେ ଚାଲୁ କରିପାରିବେ । ତାଙ୍କ ପାଠପଢାରେ ମୁଖ୍ୟ ପ୍ରତିବନ୍ଧକ ଥିଲା ପରିବାରର ଦାରିଦ୍ର୍ୟ । ବାପା ମା ଓ ଦୁଇ ଭଉଣୀଙ୍କୁ ନେଇ ତାଙ୍କର ଚାରି ଜଣିଆ ପରିବାରଟି ଚଳିବା ପାଇଁ କୌଣସି ସାଧନ ନଥିଲା । ଚାଷ ଜମି ଆଦୌ ନଥିବାରୁ ବାପା ଓ ମା କୁଲି ମଜୁରିରୁ ପରିବାର ଚଳାଉଥିଲେ । ତେବେ ଗାଁ ରେ ସବୁବେଳେ କାମ ମିଳୁନଥିଲା । ଘରର ଅସୁବିଧା ହେତୁ ତାଙ୍କୁ ଅଧିକାଂଶ ସମୟ ସ୍କୁଲ୍‌ରେ ଅନୁପସ୍ଥିତ ରହିବାକୁ ପଡୁଥିଲା । ପଢିବା ପାଇଁ ଆବଶ୍ୟକୀୟ ବହି ଖାତା ସଂଗ୍ରହ କରିବା ମଧ କଷ୍ଟକର ଥିଲା ତାଙ୍କ ପାଇଁ । ତେଣୁ ଲଗାତର ଦୁଇଥର ମାଟ୍ରିକ୍ ପରୀକ୍ଷାରେ ଅକୃତକାର୍ଯ୍ୟହେବା ପରେ ନିଜ ପଢିବା ଆଶା ତୁଟିଗଲା ତାଙ୍କର ।

ପାଠଛାଡି ଘରେ ରହିବା ପରେ ନିଜ ଭବିଷ୍ୟତ ନେଇ ବେଶ୍ ଆଶଙ୍କାରେ ଥିଲେ ସେ । ପାଠୁଆ ଝିଅଟିଏ ହେବାକୁ ଅନେକ ଆଶା ବାନ୍ଧିଥିଲେ ସେ । କିନ୍ତୁ ପାଠ ଛାଡିଦେବାପରେ ଏବେ କଣ ହେବ ତାଙ୍କର । ଗାଁର ଅନ୍ୟ ଅନେକ ଅପାଠୁଆ ଝିଅ ପରି ବାପା କେଉଁଠି ବାହାଘର କରିଦେବେ । ତାର ପସନ୍ଦ ଅପସନ୍ଦକୁ ମଧ କେହି ବିଚାର କରିବେନି । ଏଠୁ ଯାଇ ସେଠି ମଧ ସେ ଦାରିଦ୍ର୍ୟ ଓ ଜଞ୍ଜାଳ ଭିତରେ ପେଷିହେବ । ଏସବୁ କଥା ଭାବିଲା ବେଳକୁ ତାକୁ ସବୁ ଆଡୁ ଅନ୍ଧାର ଦେଖାଯାଉଥିଲା । ବାପା କୌଣସି ମତେ ବଡ ଭଉଣୀକୁ ବିବାହ କରାଇଦେଲେ । ଏବେ ଥିଲା ତାର ପାଳି ।

ଏହି ସମୟକୁ ତାଙ୍କ ଗାଁ ବଣ୍ଡଗୁଡାରେ ସ୍ୱାତୀ ଅନୁଷ୍ଠାନ ତରଫରୁ ଅନନ୍ୟା କାର୍ଯ୍ୟକ୍ରମ ଆରମ୍ଭ ହେଲା । ସ୍ୱାତୀର କର୍ମୀମାନେ ତାଙ୍କ ଗାଁକୁ ଯାଇ କିଶୋରୀ ବାଳିକା ମାନଙ୍କୁ ସଂଗଠିତ କଲେ । ଆରତୀ ମଧ ସେମାନଙ୍କ ମିଶିଲେ । ବାଳିକା ଦଳରେ ସେମାନଙ୍କ ବିଭିନ୍ନ ସମସ୍ୟା ଆଲୋଚନା ଭିତରେ ଆରତୀର ନିଜର କଥା କହିଲେ । ସ୍ୱାତୀକର୍ମୀ ତାଙ୍କ ଭିତରେ ଆଗକୁ ବଢିବାକୁ ରହିଥିବା ଇଚ୍ଛାକୁ ଲକ୍ଷ୍ୟ କରି ତାଙ୍କୁ ଅନନ୍ୟାର ପ୍ରଶିକ୍ଷଣ କାର୍ଯ୍ୟରେ ଯୋଗଦେବା ପାଇଁ ସାଥିରେ ନେଲେ । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସେ ଅନ୍ୟ ଝିଅ ମାନଙ୍କ ସହ ମିଶିଲେ ଏବଂ ସେଠାରେ ହେଉଥିବା

ଆଲୋଚନା ଗୁଡିକ ଶୁଣି ତାଙ୍କର ମନୋବଳ ଦୃଢ ହେଲା । ଅଧାରୁ ଛାଡିଥିବା ପାଠକୁ ପୁଣି ଆରମ୍ଭ କରିବାକୁ ସେ ଚିନ୍ତା କଲେ । ତେବେ ଏଥିପାଇଁ ଆବଶ୍ୟକୀୟ ଅର୍ଥ ଘରେ ମାଗିବାକୁ ତାଙ୍କର ସାହସ ନଥିଲା ।

ତାଙ୍କର ଅସୁବିଧା ଜାଣି ସ୍ୱାତୀ ତରଫରୁ ସହାୟତା ଦିଆଯାଇ ଜାତୀୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନରେ ପୁଣିଥରେ ମାଟ୍ରିକ ପରୀକ୍ଷା ଦେବାକୁ ବ୍ୟବସ୍ଥା କରିଦିଆଗଲା । ଏହି ପ୍ରତିଷ୍ଠାନ ଜରିଆରେ ଛାତ୍ରଛାତ୍ରୀ ମାନଙ୍କୁ ଘରୋଇ ପାଠ୍ୟକ୍ରମରେ ସଂଯୋଜିତ କରି ପାଠ୍ୟ ଉପକରଣ ଯୋଗାଇ ଦିଆଯାଉଥିଲା ଏବଂ ସାଧାରଣ ପରୀକ୍ଷାର୍ଥୀଙ୍କ ପରି ସେମାନେ ପରୀକ୍ଷା ଦେଇପାରୁଥିଲେ । ସ୍ୱାତୀ ଦ୍ୱାରା ୨୦୧୨ ମସିହାରୁ ପରିଚାଳିତ ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ଉଚ୍ଚଶିକ୍ଷା ପାଇବାର ସୁବିଧା ହାସଲ କରିଥିଲେ । ଆରତୀଙ୍କ ପାଇଁ ଏହି ସହଯୋଗ ଏକ ନୂଆ ଆଶା ଆଣିଲା । ସେ ପୁଣି ପାଠ ପଢି ମାଟ୍ରିକ୍ ପାଶ୍ କରିବାକୁ ଅଂଟା ଭିଡିଲେ ।

ଏବେ ଆରତୀ ପାଠପଢା ସହ ବ୍ଲକ୍ ତରଫରୁ ଦିଆଯାଉଥିବା ହୋମ୍ ନର୍ସିଂ ଟ୍ରେନିଂ ମଧ୍ୟ ନେଉଛନ୍ତି । ଏସବୁ କାର୍ଯ୍ୟ ତାଙ୍କ ଭିତରେ ମଉଳି ଆସୁଥିବା ସ୍ୱପ୍ନକୁ ପୁଣି ଥରେ ଉଜ୍ଜୀବିତ କରିଛି । ତାଙ୍କ ମତରେ ଅନନ୍ୟା କାର୍ଯ୍ୟକ୍ରମରେ ସାମିଲ ହୋଇନଥିଲେ ସେ ଆଗକୁ ଯିବା ପାଇଁ ଆଦୌ ସାହସ ପାଇ ନଥାନ୍ତେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେ କେବଳ ନିଜ ପାଠପଢା ଆରମ୍ଭ କରିନାହାନ୍ତି ବରଂ କିଶୋରୀ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଅଧିକାର ବିଷୟରେ ଅନେକ ଅଭିଜ୍ଞତା ହାସଲ କରିଛନ୍ତି ଯାହା ତାଙ୍କ ଭବିଷ୍ୟତ ଜୀବନକୁ ନିଶ୍ଚୟ ଦୃଢ କରିବ । ଜଣେ ପାଠୋଇ ମହିଳା ଭାବେ ପରିବାରର ଦାୟିତ୍ୱ ତୁଲାଇବାକୁ ସେ ସକ୍ଷମ ହୋଇପାରିବେ ।



# ନିଜ ବିବାହ ରୋକିବାରେ ସଫଳ ହେଲେ ସାମନ୍ତାଣୀ



କ.ନୂଆଗାଁ ବ୍ଲକ୍ ଗାନ୍ଧିଗାଁ ପଂଚାୟତର ଛୋଟିଆ ଗାଁଟିଏ ସିରିଙ୍ଗିଆ । ଗାଁକୁ ଘେରି ରହିଛି ପାହାଡ ଓ ଜଙ୍ଗଲ । ଗାଁ ଲୋକମାନେ ଚାଷ କାମ କରି ଚଳିଥାନ୍ତି । ତେବେ ଚାଷଜମି ବହୁତ କମ୍ ଥିବାରୁ ବର୍ଷକୁ ଛ ମାସ ସେମାନଙ୍କୁ ଅନ୍ୟାନ୍ୟ କାମ ଉପରେ ନିର୍ଭର କରିବାକୁ ପଡିଥାଏ । ପ୍ରାୟ ପ୍ରତି ପରିବାର କିଛି କିଛି ଗାଈ, ଛେଳି, କୁକୁଡା ଆଦି ପାଳନ କରିଥାନ୍ତି । ବିଭିନ୍ନ ସମୟରେ ଜଙ୍ଗଲୀ ଜିନିଷ ମଧ ସଂଗ୍ରହ କରନ୍ତି । ଆଖପାଖ ଗାଁରେ କୁଲି ମଜୁରି ବି କରନ୍ତି । ଏସବୁଥିରୁ ଯଥାକଷ୍ଟେ ବର୍ଷକ ଚଳିବାକୁ ହୋଇଥାଏ । ଗାଁଟି ଅଭ୍ୟନ୍ତର ଅଞ୍ଚଳରେ ଅବସ୍ଥିତ ଥିବାରୁ ଗାଁ ପର୍ଯ୍ୟନ୍ତ ଭଲ ରାସ୍ତାଟିଏ ନାହିଁ । ଲୋକମାନଙ୍କୁ ଜଙ୍ଗଲୀ ରାସ୍ତାରେ ପାହାଡ ଡେଇଁ ଯିବା ଆସିବା କରିବାକୁ ହୁଏ । ଗାଁରେ ଶିକ୍ଷାର ବିଶେଷ ସୁବିଧା ନଥିବାରୁ ଅଧିକାଂଶ ଅଧାରୁ ପାଠପଢା ଛାଡି ଘରକାମରେ ନିୟୋଜିତ ଥାଆନ୍ତି । ତେବେ ଦାରିଦ୍ର୍ୟ ଓ ଅସଚେତନତା କାରଣରୁ ଗାଁ ଲୋକମାନେ କମ୍ ବୟସରୁ ଝିଅ ମାନଙ୍କୁ ବାହା କରି ଦିଅନ୍ତି । କାରଣଟି ହେଲା ପରିବାରର ଅଭାବ ଭିତରେ ଝିଅକୁ ଅଧିକ ଦିନ ଘରେ ରଖିବାକୁ ସେମାନେ ପସନ୍ଦ କରନ୍ତି ନାହିଁ । ଝିଅଟି ପାଠ ପଢିବା ବା କୌଣସି କାମରେ ନିୟୋଜିତ ରହୁନଥିବାରୁ ପରିବାରକୁ ସାହାଯ୍ୟ କରିବା ପାଇଁ ଚାଷକାମ ବା ଜଙ୍ଗଲକାମ କରିବାକୁ ବାଧ ହୋଇଥାଏ । ଏହାଦ୍ୱାରା ସ୍ୱାସ୍ଥ୍ୟ ନଷ୍ଟ ହେବା ଓ ବିବାହ ପାଇଁ ପ୍ରସ୍ତାବ ନମିଳିବାର ଭୟ ସେମାନଙ୍କର ଥାଏ । କିନ୍ତୁ ଝିଅମାନେ କମ୍ ବୟସରେ ବିବାହ କରିବା ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ ତାହା ତାଙ୍କ ନଜରକୁ ଆସେ ନାହିଁ ।

ସାମନ୍ତାଣୀର ଘର ଏଇ ସିରିଙ୍ଗିଆ ଗାଁରେ । ଘରେ ମା ସହ ସେମାନେ ଦୁଇ ଭାଇ ଭଉଣୀ ରହନ୍ତି । ଗାଁ ଠାରୁ ସ୍କୁଲ ଦୂରରେ ଥିବାରୁ ଗାଁର ଅନେକ ଝିଅ ପାଠ ପଢନ୍ତି ନାହିଁ । ତେବେ ସାମନ୍ତାଣୀ ଏକୁଟିଆ ଜଙ୍ଗଲୀ ରାସ୍ତାରେ ପାହାଡ ପାରି ହୋଇ ନୀୟମିତ ସ୍କୁଲ୍ କୁ ଯାଆନ୍ତି । ସେ ପଢୁଥିବାବେଳେ ବାପା ରୋଗରେ ପଡି ମରିଗଲେ । କିନ୍ତୁ ମାଆ ନିଜେ କୁଲିଭୂତି କରି କଷ୍ଟପଡି ତାଙ୍କର ପାଠପଢା ଚାଲୁ ରଖିଲେ । ପାଠପଢା ସହ ସାମନ୍ତାଣୀ ମାଆଙ୍କୁ ଘର କାମରେ ମଧ ସାହାଯ୍ୟ କରନ୍ତି । ଗାଁର ପ୍ରଥମ ଝିଅ ପିଲା ହିସାବରେ ଯେତେବେଳେ ସେ ମାଟ୍ରିକ ପାସ କଲେ ମାଆ ବହୁତ ଖୁସି ହେଲେ । ଗାଁ ଲୋକେ ବି ବହୁତ ସାବାସୀ ଦେଲେ ।

ସାମନ୍ତାଣୀଙ୍କର ଅଧିକ ପଢିବାକୁ ଇଚ୍ଛାଥିଲେ ବି ପରିବାରର ଦୁରାବସ୍ଥା ତାଙ୍କୁ ନିରାଶ କଲା । ଅସୁସ୍ଥତା ଯୋଗୁଁ ମା ବିଶେଷ କାମ କରି ପାରୁନଥିଲେ । ତେଣୁ ପରିବାର ଚଳାଇବା ପାଇଁ ଘରେ ରହି ମାଆଙ୍କୁ ସାହାଯ୍ୟ କରିବାର ଆବଶ୍ୟକତା ଥିବାରୁ ସେ ଆଉ କଲେଜ ପଢିଲେ ନାହିଁ । କିନ୍ତୁ କିଛି ମାସ ପରେ ତାଙ୍କ ପାଇଁ ଆଉ ଏକ ସମସ୍ୟା ଆସିଲା । ପାଠ ସାରି ଘରେ ରହିଥିବାରୁ ବନ୍ଧୁବାନ୍ଧବ ତାଙ୍କର ବିବାହ ପାଇଁ ମାଙ୍କ ଉପରେ ଚାପ ପକାଇଲେ । ସମସ୍ତେ ଥରକୁଥର କହିବାରୁ ମାଆ ବି ତାର ବାହାଘର ପାଇଁ ମନସ୍ଥିର କରିନେଲେ । କିନ୍ତୁ ସାମନ୍ତାଣୀଙ୍କର ବାହା ହେବାକୁ ଆଦୌ ଇଚ୍ଛା ନଥିଲା । ପାଠ ପଢାଛାଡି ମାତ୍ର ଦୁଇବର୍ଷ ହୋଇଥିଲା ଏବଂ ମାତ୍ର ୧୭ ବର୍ଷ ବୟସ ହୋଇଥିଲା ତାଙ୍କୁ । ଏତେ କମ୍ ବୟସରୁ ବାହା ଦେବା ପାଇଁ ମା ଚିନ୍ତା କରୁଛନ୍ତି ଜାଣି ବେଶ୍ ଭୟଭିତ ହୋଇପଡିଥିଲେ ସେ ।

ଏହି ସମୟରେ ଗାଁରେ ସ୍ୱାତୀ ଓ ସେଭ୍ ଦି ଚିଲ୍‌ଡ୍ରେନ୍ ତରଫରୁ ବାଲ୍ୟବିବାହ ନିରୋଧି ଅନନ୍ୟା କାର୍ଯ୍ୟକ୍ରମ ଆରମ୍ଭ ହେଲା । ସ୍ୱାତୀର କର୍ମୀ ଗାଁକୁ ଯାଇ ଗାଁର ଝିଅମାନଙ୍କୁ ଏକଜୁଟ କରି ଏକ କିଶୋରୀ ବାଳିକା ସଂଘ ଗଢିଲେ । ଗାଁର ସବୁଠୁ ଶିକ୍ଷିତା ଝିଅ ହିସାବରେ ସାମନ୍ତାଣୀଙ୍କୁ ଏହାର ସଭାନେତ୍ରୀ ବାଛିଲେ । ସ୍ୱାତୀ ତରଫରୁ ତାଙ୍କୁ ଅନନ୍ୟାର ପ୍ରଶିକ୍ଷଣ ଶିବିରରେ ଯୋଗଦେବାର ସୁଯୋଗ ମିଳିଲା । ସେଠାରେ ବାଲ୍ୟ ବିବାହର ସମସ୍ୟା, କିଶୋରୀ ବାଳିକା ମାନଙ୍କର ସ୍ୱସ୍ଥ୍ୟଗତ ସମସ୍ୟା ଏବଂ ଆତ୍ମନିର୍ଭରଶୀଳ ହେବାର କୌଶଳ ସଂପର୍କରେ ଅନେକ କଥା ଜାଣିଲେ । ସେସବୁ ଆଲୋଚନା ତାଙ୍କୁ ମାନସିକ ଭାବେ ଦୃଢ କଲା ଏବଂ ନିଜର ବିବାହ ରୋକିବା ପାଇଁ ସେ ମନେ ମନେ ନିଷ୍ପ□ନେଲେ ।

ବିବାହ ରୋକିବା ପାଇଁ ପ୍ରଥମେ ମାଆଙ୍କ ମନୋଭାବ ବଦଳାଇବାର ଆବଶ୍ୟକତା ଥିଲା । ତାଙ୍କର ଦୁର୍ବଳ ସ୍ୱାସ୍ଥ୍ୟାବସ୍ଥା ଏବଂ ପାରିବାରିକ ଦୁସ୍ଥିତି ଯୋଗୁଁ ସେ ତାର ବିବାହ ପାଇଁ ତରବର ହେଉଥିଲେ । ତେଣୁ ତାଙ୍କ ମନରୁ ଅସହାୟତା ଓ ଭୟ ଦୂର କରିବା ଥିଲା ତାପାଇଁ ପ୍ରଥମ କାମ । ସେ ମାଆଙ୍କୁ ବୁଝାଇବାକୁ ପ୍ରଥମେ ଚେଷ୍ଟା କରିବେ ଏବଂ ଆବଶ୍ୟକ ହେଲେ ସ୍ୱାତୀ କର୍ମୀଙ୍କ ସହାୟତା ନେବେ ବୋଲି ନିଷ୍ପ□ ନେଲେ । ତେବେ ମାଙ୍କ ସହ ଏ ବିଷୟରେ ଆଲୋଚନା କରିବାକୁ ବେଶ୍ ସଙ୍କୋଚ ଲାଗୁଥିଲା ତାଙ୍କୁ । ତେଣୁ ପାଖ ଗାଁର ଆଉ ଜଣେ ସାଙ୍ଗଙ୍କ ସହୟତା ନେଲେ ସେ । ସାଙ୍ଗ ଜଣଙ୍କ ମାଆଙ୍କ ସହ ସାମନ୍ତାଣୀର ବାହାଘର ବିଷୟ ଆଲୋଚନା ଆରମ୍ଭ କଲେ । ବାହାଘର ପାଇଁ ସବୁ ଠିକ୍‌ଠାକ୍ ହୋଇଛି ବୋଲି ମାଆ ଜଣାଇଲେ ।

ସାଙ୍ଗ ଜଣଙ୍କ ସାମନ୍ତାଣୀର ବୟସ ବହୁତ କମ୍ ଏବଂ ବାହାଘର ପାଇଁ ଅନ୍ତଃତ ଅଠର ବର୍ଷ ପୁରିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଉଚିତ ବୋଲି କହିଲେ । ଛୋଟ ବୟସରୁ ବିବାହ କଲେ ଝିଅର ନାନା ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ ଏବଂ ଗର୍ଭଧାରଣ ଆଦିରେ ଅନେକ ସମସ୍ୟା ହେବା ସହ ଜୀବନ ପ୍ରତି ବିପଦ ଆଶଙ୍କା ରହୁଥିବା କଥା ଜଣାଇଲେ । ଆଗରୁ ଲୋକମାନେ ଏସବୁ ବିଚାର କରୁ ନଥିବାରୁ ଗାଁରେ ମହିଳାମାନେ କିପରି ଅନେକ ରୋଗର ଶିକାର ହେଉଛନ୍ତି ଏବଂ କମ୍ ବୟସରୁ ଶକ୍ତିହିନ ହୋଇ ପଡୁଛନ୍ତି ତାହା ଜଣାଇଲେ । ଝିଅର ମଙ୍ଗଳ ପାଇଁ ବାହା ଦେବା ବୋଲି ଚିନ୍ତା କରି କମ୍

ବୟସରେ ବାହାଦେଇ ତାର ମରଣ ପାଇଁ ଆମେ ବ୍ୟବସ୍ଥା କରିଦେଉଛେ । ଏହା ତାକୁ ମାନସିକ ଭାବେ ମଧ ଚାପଗ୍ରସ୍ତ କରୁଛି । ପାରିବାରିକ କୌଣସି ଦ୍ୱନ୍ଦକୁ ସମାଧାନ କରିବା ପାଇଁ କମ୍ ବୟସରେ ତାର ସକ୍ଷମତା ଆସିନଥିବାରୁ ଝିଅକୁ ଅନେକ ନିର୍ଯ୍ୟାତନାର ଶିକାର ହେବାକୁ ମଧ ପଡୁଛି । ବରଂ ଉଚିତ ବୟସରେ ଝିଅଟି ବିବାହ କଲେ ସବୁ ପ୍ରକାର ବିପଦକୁ ସାମ୍ନା କରିବାକୁ ସକ୍ଷମ ହେବ ଓ ନିଜ ପରିବାରକୁ ଭଲ ଭାବରେ ଗଢିପାରିବ । ସାମନ୍ତାଣୀ ଜଣେ ମାଟ୍ରିକ ପଢୁଆ ଝିଅ, ବର୍ତମାନ ସମୟରେ ତାର ଅନେକ କଥା ଜାଣିବାର ଅଛି ଏବଂ ଶିଖିବାର ଅଛି । ସେ ଏସବୁ ଜାଣିଲେ ଏବଂ ଶିଖିଲେ ଭବିଷ୍ୟତରେ ନିଜ ପରିବାର ଓ ଛୁଆପିଲାଙ୍କୁ ସୁସ୍ଥ ଓ ଶିକ୍ଷିତ କରିପାରିବ । ସାମନ୍ତାଣୀ ଯାଉଥିବା ଟ୍ରେନିଂ ଗୁଡିକରେ ଏସବୁ ଶିଖୁଛି ଏବଂ ଜାଣୁଛି । ଏତେ କମ୍ ବୟସରୁ ବିବାହ କରିବା ପାଇଁ ସେ ମଧ ରାଜି ନୁହେଁ ।

ସାମନ୍ତାଣୀ ମଧ ମାଙ୍କୁ ନିଜର ମନକଥା ଜଣାଇଲେ । ବର୍ତମାନ ସମୟରେ ଦୁନିଆ ଯେମିତି ବଦଳୁଛି ସେଥିରେ ଖାପଖୋଇବାକୁ ହେଲେ ଝିଅଟିଏ ଅନେକ କଥା ଜାଣିବାର ଅଛି ଏବଂ ଅନେକ ପ୍ରସ୍ତୁତିର ଆବଶ୍ୟକତା ରହିଛି ବୋଲି ମାଙ୍କୁ ଜଣାଇଲେ । ଅନନ୍ୟା ତାଲିମ୍‌ରୁ ସେ ଅନେକ କଥା ଶିଖିପାରିଛନ୍ତି ଏବଂ ଆଗକୁ ନିଜ ପାଇଁ କିଛି ଆତ୍ମନିଯୁକ୍ତି ପନ୍ଥା ମଧ କରିବାକୁ ସ୍ଥିର କରିଛନ୍ତି । ତେଣୁ ଏ ସମୟରେ ତାଙ୍କର ବାହାଘର ନକରିବାକୁ ସେ ମାଙ୍କୁ ଅନୁରୋଧ କଲେ ।

ଶେଷରେ ମା ବୁଝିଲେ ଏବଂ ସାମନ୍ତାଣୀର ବାହାଘର ବନ୍ଦ ରଖିବାକୁ ନିଷ୍ପତି ନେଲେ ।



# ନିଜ ପାଇଁ ରୋଜଗାର ବ୍ୟବସ୍ଥା ବାଛିଲେ ମଧୁସ୍ମିତା



ମଧୁସ୍ମିତା ଦଳବେହେରା । ୧୯ ବର୍ଷ ବୟସ୍କା ଏହି ଝିଅ ଜଣଙ୍କ ପିଲାଦିନରୁ ବଣ୍ଡଗୁଡା ଗାଁରେ ନିଜ ଅଜା ଆଇଙ୍କ ପାଖରେ ରହି ଆସୁଛନ୍ତି । ନିଜ ଘର ଗଞ୍ଜାମ ଜିଲ୍ଲାରେ । ସେଠାରେ ତାଙ୍କର ବାପା ମା, ଦୁଇ ଭଉଣୀ ଓ ଭାଇ ରହନ୍ତି । ପିଲାଦିନରୁ ପାଠ ପଢିବାର ସୁବିଧା ପାଇଁ ଅଜାଘରକୁ ଚାଲି ଆସିଥିଲେ ସେ । ଏଠାରେ ସାରଙ୍ଗଗଡ ହାଇସ୍କୁଲ୍‌ରୁ ମେଟ୍ରିକ୍ ପାଶ୍ କରିବା ପରେ କଲେଜରୁ ଯୁକ୍ତ ଦୁଇ ମଧ ପାଶ୍ କଲେ । ତେବେ ପାରିବାରିକ ଅସୁବିଧା ଯୋଗୁଁ ଆଉ ଅଧିକ ପଢିବାକୁ ଆଗ୍ରହ କଲେ ନାହିଁ । କିପରି ନିଜେ ଆତ୍ମନିର୍ଭରଶୀଳ ଭାବେ କିଛି ରୋଜଗାର କରିପାରିବେ ସେ ଚିନ୍ତାକଲେ ।

ବର୍ତ୍ତମାନ ସମୟରେ ପରିବାରଟିଏ ଗଢିବାକୁ ହେଲେ ସମସ୍ତଙ୍କୁ ରୋଜଗାରକ୍ଷମ ହେବାକୁ ପଡିବ । ଘରେ ମହିଳା ମାନଙ୍କର ରୋଜଗାର ବ୍ୟବସ୍ଥା ନଥିବାରୁ ସେମାନଙ୍କର ଆର୍ଥିକ ସ୍ୱାଧିନତା ନଥାଏ । ଝିଅ ହେଉ ବା ସ୍ତ୍ରୀ ଲୋକଟିଏ ହେଉ ହାତରେ ପଇସାଟିଏ ନଥିବାରୁ ନିଜ ଇଚ୍ଛା ମୁତାବକ କୌଣସି ଖର୍ଚ୍ଚ କରିବାକୁ ସେ ସାହସ ଜୁଟାଇ ପାରେନାହିଁ । ଝିଅଟିଏ ରୋଜଗାର କରିପାରୁ ନଥିବାରୁ ବାପା ମା ତାକୁ ଭରସାଯୋଗ୍ୟ ବିଚାର କରନ୍ତି ନାହିଁ । ଝିଅଟିଏ ହିସାବରେ ଏସବୁ ଅନୁଭବ ନିଜ ଗାଁ ଓ ପରିବାରରୁ ପାଇଛି ମଧୁସ୍ମିତା । ତେଣୁ ସେ କାହିଁକି ରୋଜଗାରକ୍ଷମ ହୋଇପାରିବ ନାହିଁ – ଏମିତି ଜିଦ୍‌ଟିଏ ସବୁବେଳେ ତା ଭିତରେ ଅଛି । କିନ୍ତୁ ନିଜେ କିଛି ବ୍ୟବସ୍ଥା କରି ରୋଜଗାର କରିବା କଥା ଯେତେବେଳେ ପରିବାରରେ କହିଛି ସମସ୍ତେ ତା କଥାକୁ ହସି ଉଡେ଼ା ଦେଉଛନ୍ତି । ଏସବୁଥିରୁ ସେ ସବୁବେଳେ ନିରୁତ୍ସାହିତ ହୋଇଛି ।

ଗତ ତିନିବର୍ଷ ତଳେ ଗାଁରେ ସ୍ୱାତୀ ଦ୍ୱାରା ଯେତେବେଳେ ଅନନ୍ୟା କାର୍ଯ୍ୟକ୍ରମ ଆରମ୍ଭ ହେଲା ମଧୁସ୍ମିତା ଅତି ଆଗ୍ରହର ସହ ସେଥିରେ ଯୋଗ ଦେଲା । ତାର ଉତ୍ସାହକୁ ଲକ୍ଷ୍ୟ କରି ସ୍ୱାତୀ ଦ୍ୱାରା ଅନନ୍ୟା କାର୍ଯ୍ୟକ୍ରମ ମାଧମରେ ହେଉଥିବା ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଏବଂ କର୍ମଶାଳା ଗୁଡିକରେ ସାମିଲ କରାଗଲା । ଏଥିରେ କିଶୋରୀ ବାଳିକା ମାନେ ଜୀବନରେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଗୁଡିକ ବିଷୟରେ ଆଲୋଚନା କରାଯିବା ସହ ସେମାନଙ୍କ ସଶକ୍ତିକରଣ ପାଇଁ ଜୀବନ କୌଶଳ ଗୁଡିକ ବିଷୟରେ ମଧ ପରାମର୍ଶ ଦିଆଯାଉଥିଲା । ଏସବୁ ମଧୁସ୍ମିତାକୁ ବେଶ୍ ପ୍ରେରଣା ଯୋଗାଇଲା । ସେ ଚିନ୍ତା କରୁଥିବା ବିଷୟ ଗୁଡିକ ଯଥାର୍ଥ ବୋଲି ନିଜ ଉପରେ ଆସ୍ଥା ଆସିଲା । ଝିଅଟିଏ

ରୋଜଗାରକ୍ଷମ ହେବା ଉଚିତ ଏବଂ ଏହା ତାହାକୁ ସ୍ୱାଧିନ ଏବଂ ଦୃଢ଼ କରେ ବୋଲି ସେ ତାର ହୃଦ୍‌ବୋଧ ହେଲା । ତେଣୁ ଯେ କୌଣସି ମତେ ସେ ନିଜପାଇଁ କିଛି ରୋଜଗାର ବ୍ୟବସ୍ଥା କରିବ ବୋଲି ଦୃଢ଼ ନିଷ୍ପତି ନେଲା ।



ମଧୁସ୍ମିତା ଲକ୍ଷ୍ୟକଲା ଯେ ଗାଁର ଝିଅ ଓ ମହିଳା ମାନେ ନିଜର ପ୍ରସାଧନୀ ସାମଗ୍ରୀ କିଣିବା ପାଇଁ ନିୟମିତ ପାଖ ସାରଙ୍ଗଗଡ ବଜାରକୁ ଯାଉଛନ୍ତି । ଗାଁରେ କିଛି ତେଜରାତି ଦୋକାନ ଥିଲେ ମଧ ପ୍ରସାଧନୀ ସାମଗ୍ରୀ କିଣିବା ପାଇଁ କିଛି ବ୍ୟବସ୍ଥା ନାହିଁ । ତା ଛଡା ମହିଳା ମାନେ ନିଜେ ଯାଇ ପସନ୍ଦ କରି ଦୋକାନରୁ କିଣିବା ପାଇଁ ଗାଁ ପାଖରେ କୌଣସି ସୁବିଧା ନାହିଁ । ତେଣୁ ସେ ନିଜେ ଷ୍ଟେସନାରୀ ଦୋକାନଟିଏ ଦେଲେ ଭଲ ଚାଲିବ ବୋଲି ଚିନ୍ତାକଲା । ତେବେ ଏହି ଦୋକାନ ପାଇଁ ନଗଦ ଅର୍ଥ ଆବଶ୍ୟକ ଏବଂ ଏତେ ପୁଞ୍ଜି ଯୋଗାଡ କରିବା ତା ପାଇଁ ବଡ ପ୍ରତିବନ୍ଧକ ଥିଲା । ତେବେ ନିଜ ନିଷ୍ପତିରୁ ସେ ଓହରିଲା ନାହିଁ ।

ତାର ଉତ୍ସାହକୁ ଲକ୍ଷ୍ୟକରି ସ୍ୱାତୀ ତରଫରୁ ଆତ୍ମନିଯୁକ୍ତି ଭିତିକ କିଛି ସହାୟତା ଦିଆଗଲା । ଏହି ସହାୟତା ତାର ମନୋବଳକୁ ଆହୁରି ବଢ଼ାଇଦେଲା । ନିଜେ ସଂଚିଥିବା କିଛି ଅର୍ଥ ସହିତ ବାପା ମାଙ୍କୁ କିଛି ସହାୟତା ମଧ ମାଗିଲା । ଗାଁରେ ଥିବା ସ୍ୱୟଂସହାୟିକା ଦଳରୁ କିଛି ରଣ ପାଇଁ ମଧ ଆବେଦନ କଲା ।

ମଧୁସ୍ମିତା ମତରେ ଏବେ ବ୍ୟବସାୟ ଆରମ୍ଭ କରିବାକୁ ତାକୁ ବିଶେଷ ଅସୁବିଧାର ସମ୍ମୁଖିନ ହେବାକୁ ପଡିବ ନାହିଁ । ଏକାଠି କରିଥିବା ଅର୍ଥରେ ସେ ନିଜଘରେ ଏବେ ଦୋକାନଟିଏ ଖୋଲି ପାରିବ ଏବଂ ଧିରେ ଧିରେ ଏହାକୁ ବଢ଼ାଇବ । ଏହି ବ୍ୟବସାୟରେ ନିଜେ କିଛି ରୋଜଗାର କରିପାରିବ ବୋଲି ତାର ଦୃଢ଼ ଆଶା ।



# ନିଜର ଭୁଲ୍ ବୁଝିଲା ଚାମେଲି



କିଶୋର ବୟସ ଉଭୟ ପୁଅ ଓ ଝିଅ ମାନଙ୍କ ପାଇଁ ଏକ ସନ୍ଧିକ୍ଷଣ । ଏହି ସମୟରେ ସେମାନଙ୍କ ମାନସିକ ଓ ଶାରିରୀକ ସ୍ତରରେ ଅନେକ ପରିବର୍ତ୍ତନ ଆସିଥାଏ । ଏହା ଯୌବନର ପ୍ରାଥମିକ ସ୍ତର ହୋଇଥିବାରୁ ସେମାନଙ୍କ ମନରେ ଅନେକ ସ୍ୱପ୍ନ, ଆଶା, ପ୍ରତ୍ୟାଶା ଓ ଉଦ୍‌ବେଳନ ଦେଖାଦିଏ । ଅସମ୍ଭବକୁ ସମ୍ଭବ କରିବାର ଓ ଦୁଃସାହସିକ ପଦକ୍ଷେପ ନେବାର ଇଚ୍ଛା ଜାଗ୍ରତ ହୁଏ । ତେବେ ଏହି ସମୟରେ ଉପଯୁକ୍ତ ପରାମର୍ଶ ଓ ଦିଗ୍‌ଦର୍ଶନ ଅଭାବରୁ ସେମାନେ ଭୁଲ୍ ରାସ୍ତାରେ ମଧ ପାଦ ଦେଇଥାନ୍ତି ଏବଂ ନିଜର ଭବିଷ୍ୟତ ପ୍ରତି ବିପଦ ସୃଷ୍ଟି କରିଥାନ୍ତି । ଠିକ୍ ଏମିତି ପରିସ୍ଥିତି ଆସିଥିଲା ଚାମେଲି କ୍ଷେତ୍ରରେ ।

ଚାମେଲି ଯୁକ୍ତ ଦୁଇ ପାଶ୍ କରି ଯୁକ୍ତ ତିନି ଶ୍ରେଣୀରେ ପଢିବା ଆରମ୍ଭ କରିବା ସମୟରେ ନିଜର ଜଣେ ସହପାଠୀର ପ୍ରେମରେ ପଡିଲା । ଏହା ତା ପାଇଁ ଏକ ଅତି ସୁଖଦ ଅନୁଭବ ଥିଲା । କ.ନୂଆଗାଁ ଅଂଚଳର ଏକ ଆଭ୍ୟନ୍ତରୀଣ ଆଦିବାସୀ ଗାଁରେ ଥିଲା ଚାମେଲିର ଘର । ଆଶ୍ରମସ୍କୁଲ୍‌ରେ ପଢି ମାଟ୍ରିକ୍ ପାଶ୍ କରିବାପରେ ସ୍ଥାନୀୟ ଏକ କଲେଜରେ ଯୁକ୍ତ ଦୁଇ ପଢିଲା । ଭଲ ପାଠ ପଢୁଥିବାରୁ ପରିବାର ଓ ଗାଁରେ ସମସ୍ତଙ୍କ ଆଦର ପାଉଥିଲା । ତାର ପଢିବା ଉତ୍ସାହ ଯୋଗୁଁ ବାପା ତାକୁ ସମସ୍ତ ସ୍ୱାଧିନତା ଦେଇଥିଲେ । କିନ୍ତୁ ଏହି ସ୍ୱାଧିନତା ତାକୁ ଭୁଲ କରିବାକୁ ସୁହାଇଲା । ସହପାଠୀ ସହ ପ୍ରେମ ସଂପର୍କ ଯୋଗୁଁ ପାଠ ପଢା ପ୍ରତି ସେ ଅବହେଳା କଲା । ତା ଆଗରେ ଯେ ଏକ ସୁନ୍ଦର ଭବିଷ୍ୟତ ରହିଛି ଏବଂ ଭଲ ପଢିଲେ ସେ ତାହା ହାସଲ କରିପାରିବ, ଏ କଥାଟିକୁ ପୁରାପୁରି ଭୁଲିଗଲା ଚାମେଲି । ସବୁବେଳେ ସହପାଠୀର ସଂପର୍କରେ ରହିବା ପାଇଁ ପଢାଖର୍ଚ୍ଚ ନିମନ୍ତେ ଘରୁ ଆଣିଥିବା ଟଙ୍କାରେ ଏକ ମୋବାଇଲ୍ କିଣିଲା । ଅଧିକାଂଶ ସମୟ ଫୋନ୍‌ରେ କଥାବାର୍ତ୍ତା କରିବାରେ ସମୟ କଟିଲା ତାର । ବାପା ମା ଅଳ୍ପ ଶିକ୍ଷିତ ହୋଇଥିବାରୁ ଝିଅର ଏ ପରିବର୍ତ୍ତନ ଠିକ୍ ଭାବେ ଧରିପାରିଲେ ନାହିଁ । ବରଂ ସେମାନଙ୍କ ଝିଅ ଗାଁରେ ଏକମାତ୍ର କଲେଜ ପଢୁଆ ଶିକ୍ଷିତା ଏବଂ ଆଧୁନିକ ପରିପାଟିର ବୋଲି ସେମାନେ ଗର୍ବ କରୁଥିଲେ । ଗାଁର ଅନ୍ୟ ଝିଅ ମାନଙ୍କ ପରି ତାର ଜୀବନ ଦୁଃଖକଷ୍ଟ ଓ ଅଭାବରେ କଟିବ ନାହିଁ । ସେ ଶିକ୍ଷିତା ହୋଇ ଭବିଷ୍ୟତରେ ନିଶ୍ଚୟ କର୍ମନିଯୁକ୍ତି ପାଇବ ଏବଂ ଏକ ଶିକ୍ଷିତ ପରିବାରରେ ବିବାହ କରି ଖୁବ୍ ଖୁସିରେ ଚଳିବ ବୋଲି ସ୍ୱପ୍ନ ଦେଖୁଥିଲେ ସେମାନେ । କିନ୍ତୁ ଚାମେଲି ଯେଉଁଦିନ କଲେଜରୁ ଆଉ ଘରକୁ ଫେରିଲା ନାହିଁ ଏବଂ ତାର ଭଲପାଉଥିବା ଜଣେ ସହପାଠୀ ସହ କୁଆଡେ ଚାଲି ଯାଇଛି ବୋଲି ସେମାନେ ଶୁଣିଲେ ସେମାନଙ୍କ ମୁଣ୍ଡରେ ଚଡକ ପଡିଲା ପରି ଲାଗିଲା ।

ଚାମେଲିର ଏହି ଖବର ସ୍ୱାତୀ ଅନୁଷ୍ଠାନର କର୍ମୀଙ୍କ ପାଖରେ ପହଂଚିଲା ଏବଂ ସେ ଖବର ଜାଣିବା ପାଇଁ ତାର ପରିବାରକୁ ଭେଟିଲେ । ଚାମେଲିର ବାପା ମା କାନ୍ଦି କାନ୍ଦି ସବୁ ଘଟଣା ଜଣାଇଲେ । ସ୍ୱାତୀ କର୍ମୀ ଜାଣିଲେ ଯେ ଚାମେଲି କୈଶୋର ବୟସର ଉଦ୍ଦାମତାରେ ଏ ଭୂଲ ନିଷ୍ପତି ନେଇଛି । ପ୍ରଥମତଃ ପୁଅଝିଅ ଉଭୟଙ୍କର ବିବାହଯୋଗ୍ୟ ବୟସ ହୋଇନାହିଁ । ଦ୍ୱିତୀୟତଃ ଏହା ଦ୍ୱାରା ସେମାନଙ୍କ ଉଚ୍ଚଶିକ୍ଷା ବାଧାପ୍ରାପ୍ତ ହୋଇଛି ଏବଂ ସେମାନେ ଏପର୍ଯ୍ୟନ୍ତ ଆତ୍ମନିର୍ଭରଶୀଳ ହୋଇ ପାରିନାହାନ୍ତି । ଆଇନଗତ ଭାବରେ ଏହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ । ସେମାନେ ଉଚ୍ଚଶିକ୍ଷା ଶେଷକରି ଆତ୍ମନିଯୁକ୍ତି ସଂସ୍ଥାନ କରିପାରିଲେ ଭବିଷ୍ୟତ ସାଂସାରିକ ଜୀବନ ସୁଖରେ ବିତାଇ ପାରିବେ । ତେଣୁ କୌଣସି ମତେ ସେମାନଙ୍କୁ ଏଥିରୁ ନିବୃତ କରିବାକୁ ହେବ ।

ସ୍ୱାତୀ କର୍ମୀ ତାଙ୍କୁ ପ୍ରଥମେ ଠାବ କରିବାକୁ ପରିବାର ଲୋକଙ୍କୁ କହିଲେ । ସେମାନଙ୍କୁ ଠାବ କଲା ପରେ ସେମାନଙ୍କୁ ଏହି ବିବାହର ଅପକାରିତା ଏବଂ ଆଇନଗତ ଦିଗ ମଧ୍ୟ ବୁଝାଇବାକୁ ପରାମର୍ଶ ଦେଲେ । ଚାମେଲିର ବାପା ସେମାନଙ୍କୁ ପୁଅର ଜଣେ ସଂପର୍କୀୟଙ୍କ ଘରେ ଖୋଜି ପାଇଲେ । ସେଠାରେ ଝିଅକୁ ଘରକୁ ଫେରି ଆସିବା ପାଇଁ ପ୍ରବର୍ତାଇଲେ ମଧ୍ୟ ପୁଅ ପରିବାର ଲୋକେ ବାଧା ଦେଲେ । ଝିଅର ବାପା ଏହି ଘଟଣା ସଂପର୍କରେ ଜିଲ୍ଲାପାଳଙ୍କ ନିକଟରେ ଆପତି କରିବେ ଏବଂ ଝିଅ ବିବାହ ଯୋଗ୍ୟ ବୟସ ହୋଇନଥିବାରୁ ସମସ୍ତେ ଆଇନ୍ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଶୁଣାଇଦେଲେ । ଏହାଶୁଣି ପୁଅ ଏବଂ ତାର ପରିବାର ଲୋକେ ଭୟଭିତ ହୋଇ ଚାମେଲିକୁ ଛାଡିଦେଲେ । ଚାମେଲି ମଧ୍ୟ ନିଜର ଭୂଲ ବୁଝି ବାପାଙ୍କ ସହ ଘରକୁ ଫେରିଆସିବାକୁ ସମ୍ମତ ହେଲେ ।

ଚାମେଲି ଘରକୁ ଫେରିବା ପରେ ସ୍ୱାତୀ କର୍ମୀ ତାକୁ ଭେଟି ବାଲ୍ୟବିବାହର ଅପକାରୀତା ଏବଂ ମାନସିକ ଓ ସ୍ୱାସ୍ଥ୍ୟଗତ କୁପ୍ରଭାବ ବିଷୟରେ ବୁଝାଇଲେ । ସେ ପାଠ ପଢୁଥିବାରୁ ଭବିଷ୍ୟତରେ ଉଚ୍ଚଶିକ୍ଷା ପାଇ ନିଜ ପାଇଁ କିପରି ଭଲ କର୍ମ ସଂସ୍ଥାନ କରିପାରିବେ ସେ ବିଷୟରେ ପରାମର୍ଶ ଦେଲେ । ବାହାଘର ଏକ ପିଲାଖେଳ ନୁହେଁ ଏହା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଏବଂ ଏହା ସଠିକ୍ ସମୟରେ ସଠିକ୍ ଭାବେ ନେବା ଆବଶ୍ୟକ ବୋଲି ତାଙ୍କୁ ଜଣାଇଲେ ।

ଏବେ ଚାମେଲି ବିବାହ ଚିନ୍ତା ମନରୁ ପୋଛି ଦେଇ ନିଜର ପାଠପଢା ଜାରି ରଖିଛି । ଏହା ତାର ଏକ ଭୂଲ୍ ନିଷ୍ପତି ଥିଲା ବୋଲି ବୁଝିପାରିବା ସହ ଜଣେ ସଫଳ ମଣିଷ ହେବା ପାଇଁ ପ୍ରୟାସ ଆରମ୍ଭ କରିଛି ।



# ଶଶୀରେଖାଙ୍କ ନିଜ କଥା



ମୋର ନାଁ ଶଶୀରେଖା ବିନ୍ଧାଣୀ । ଆମ ଘର କନ୍ଧମାଳ ଜିଲ୍ଲା ଲେଟିଙ୍ଗିଆ ଗାଁରେ । କ. ନୂଆଗାଁ ବ୍ଲକ୍‌ର ଏକ ଆଭ୍ୟନ୍ତରୀଣ ଗାଁ ଆମ ଏହି ଲେଟିଙ୍ଗିଆ । ଗାଁରେ ଆଦିବାସୀ, ଦଳିତ ଓ ପଛୁଆବର୍ଗର ୩୦୦ରୁ ଅଧିକ ପରିବାର ରହନ୍ତି ଗାଁରେ । କ. ନୂଆଗାଁ ବ୍ଲକ୍‌ଠାରୁ ୧୦ କିଲୋମିଟର ଦୂରରେ ଗାଁଟି । ତେବେ ସରକାରୀ ଦୃଷ୍ଟି ଆଢୁଆଳରେ ରହିଆସିଥିବାରୁ ଆଜିଯାଏ ଗାଁର ବିଶେଷ ଉନ୍ନତୀ ହୋଇ ପାରିନାହିଁ । ଆଦିବାସୀ ବହୁଳ ଅଂଚଳ ହୋଇଥିବାରୁ ଗାଁ ଲୋକମାନେ ପୁରୁଣା ପ୍ରଥା ଓ ଚଳଣୀକୁ ଆଦରି ଚଳନ୍ତି । ଶିକ୍ଷା ଓ ସଚେତନତାର ଅଭାବରୁ ଅନେକ ଅନ୍ଧବିଶ୍ୱାସ ଓ କୁସଂସ୍କାର ରହିଛି । ଲୋକମାନେ ଠିକ୍ ଭାବେ ସ୍ୱାସ୍ଥ୍ୟସେବା ନପାଉଥିବାରୁ ଗୁଣିଆ ଓ ବୈଦ୍ୟ ମାନଙ୍କ ଉପରେ ନିର୍ଭର କରନ୍ତି । ଏବେ ଯେପରି ଝିଅ ମାନଙ୍କୁ ପାଠ ପଢାଇବାକୁ ଆଗ୍ରହ କରୁଛନ୍ତି କିଛି ବର୍ଷ ପୂର୍ବରୁ ସେମିତି ନଥିଲା । ଝିଅମାନେ ଘର କାମରେ ସାହାଯ୍ୟ କରିବା, ସାନ ଭାଇଭଉଣୀ ମାନଙ୍କୁ ଦେଖାଶୁଣା କରିବା ଆଦି କାମ କରୁଥିଲେ । ଜ୍ଞାନ ପ୍ରାପ୍ତ ହେଲା ପରେ ପରେ ତାହାର ବାହାଘର କରି ଦେଉଥିଲେ । ସେତେବେଳକୁ ତାର ବୟସ ଚଉଦ କି ପନ୍ଦର ବର୍ଷ ମାତ୍ର ହେଉଥିଲା । କେବଳ ଅଳ୍ପକିଛି ଶିକ୍ଷିତ ପରିବାରକୁ ଛାଡିଦେଲେ ଏହି ପ୍ରଥା ଏବେଯାଏ ମଧ ଚାଲୁଛି । ଗାଁରେ ସ୍କୁଲ ଗୁଡିକ ଭଲ ଚାଲୁନଥିବାରୁ ଏବଂ ପରିବାର ଗୁଡିକର ଗରିବ ଅବସ୍ଥା ଯୋଗୁଁ ଅଧିକାଂଶ ଝିଅ ଅଧାରୁ ପାଠ ପଢା ଛାଡି ଦେଉଛନ୍ତି । ଏହା ପରେ ଘର ଲୋକମାନେ କମ୍ ବୟସରୁ ତାକୁ ବାହାଘର କରି ଦେଉଛନ୍ତି । ତେବେ ଛୋଟବୟସରୁ ବାହାହେଲେ ଝିଅଟି ସାରା ଜୀବନ କିପରି କଷ୍ଟ ପାଇଉଛି ତାହା କଣ କିଏ ବୁଝୁଛି ।

କମ୍ ବୟସରେ ବାହାହୋଇ ଝିଅମାନେ କେମିତି ଅସୁବିଧା ଭୋଗନ୍ତି ସେ ବିଷୟରେ ମୋର ବହୁତ ଅନୁଭୂତି ଅଛି । ଯଦିଓ ପ୍ରଥମେ ଏହି ସମସ୍ୟାକୁ ମୁଁ ବୁଝି ପାରୁନଥିଲି ବା କେବେ ନିଜ ମନରେ ତର୍ଜମା କରି ନଥିଲି, ତେଣୁ ଜାଣି ପାରିନଥିଲି । ଏ ବିଷୟରେ ସଚେତନ ନଥିବାରୁ ଆମ ଗାଁ ବା ପରିବାରରେ ମଧ ଏହି ସମସ୍ୟାକୁ କେହି କେବେ ଆଲୋଚନା କରୁନଥିଲେ । କିନ୍ତୁ ଯେତେବେଳେ ଅନନ୍ୟା କାର୍ଯ୍ୟକ୍ରମ ସହ ସଂପୃକ୍ତ ହେଲି ଏବଂ ଏହି ସମସ୍ୟାର କାରଣ ଗୁଡିକ ସଂପର୍କରେ ହେଉଥିବା ଆଲୋଚନା ଗୁଡିକ ଶୁଣିଲି ସେତେବେଳେ ଜାଣିଲି ଯେ ଏହି ଖରାପ ପ୍ରଥା

କେମିତି ଆମ ଗାଁ ଓ ପରିବାରରେ ଅତି ଗଭୀର ଭାବେ ରହିଛି ଏବଂ ଏଥିଯୋଗୁଁ କେବଳ ଝିଅ ଓ ମହିଳାମାନେ କେମିତି କଷ୍ଟ ଭୋଗୁଛନ୍ତି ।




ମୋର ନିଜର ଜଣେ ସାଙ୍ଗଙ୍କୁ ତାର ପରିବାର ଲୋକେ ମାତ୍ର ପନ୍ଦର ବର୍ଷ ବୟସରେ ବାହା କରି ଦେଇଥିଲେ । ସେତେବେଳେ ଆମେ ସାଙ୍ଗଝିଅ ମାନେ ବହୁତ ଖୁସି ହୋଇଥିଲୁ, ଯାହା ହେଉ ତାର ଆଗେ ବାହାଘର ହୋଇଗଲା । ତେବେ ପରେ ତାର ଯେଉଁ ଦୁର୍ଦ୍ଦଶା ହେଲା ଶାଶୁଘର ଲୋକେ ତାକୁ ରୋଗ କହି ଏଡାଇ ଦେଉଥିଲେ । କିନ୍ତୁ ଏବେ ମୁଁ ବୁଝୁଛି ତାର ଦୁର୍ଦ୍ଦଶା ପଛର କାରଣ ହିଁ ଏହି କମ୍ ବୟସର ବାହାଘର । ବାହାଘରର ପ୍ରଥମ ବର୍ଷରେ ସେ ଗର୍ଭବତୀ ହେଲା ଏବଂ ଶାଶୁଘର ଲୋକମାନେ ଠିକ୍ ଭାବେ ତାର ତତ୍ତ୍ୱାବଧାନ ନନେବାରୁ ସେ ଦୁର୍ବଳ ହୋଇପଡିଲା । ତେଣୁ ପ୍ରସୂତି ସମୟ ପୂର୍ବରୁ ମଲା ପିଲାଟିଏ ଜନ୍ମ ଦେଲା । ଏହାର କିଛି ମାସ ପରେ ସେ ପୁଣିଥରେ ଗର୍ଭବତୀ ହେଲା । ସେ ସମୟରେ ତାର ମାନସିକ ଓ ଶାରୀରିକ ଅବସ୍ଥା ବହୁତ ଖରାପ ହୋଇ ଯାଇଥିଲା । କମ୍ ବୟସର ଝିଅଟିଏ, କମ୍ ବୟସରେ ଗର୍ଭଧାରଣ କରିବା, ମୃତ ଶିଶୁ ଜନ୍ମ ଦେବା, ଠିକ୍ ଭାବେ ଖାଦ୍ୟ ଓ ସେବା ନପାଇବା ଏବଂ କମ୍ ବ୍ୟବଧାନରେ ପୁଣି ଗର୍ଭବତୀ ହେବା କେତେବଡ ଜଟିଳ କଥା । କିନ୍ତୁ ଏହାକୁ କେହି ନବୁଝି ବରଂ ତାକୁ ରୋଗୀଣା ଝିଅଟା ବୋଲି ସମସ୍ତେ ଅପବାଦ ଦେଲେ । ସେ ଏଥର ଠିକ୍ ସମୟରେ ସୁସ୍ଥ ଶିଶୁଟିଏ ଜନ୍ମ ଦେଲେ ମଧ ନିଜେ ରକ୍ତହୀନତାର ଶିକାର ହେଲା । ତାର ହାତ ଗୋଡ ସବୁ ଫୁଲିଗଲା । ସ୍ୱାମୀ ତାର ଠିକ୍ ଭାବେ ଦାୟିତ୍ୱ ନନେବାରୁ ତାର ବାପା ତାକୁ ଘରକୁ ଆଣିଲେ ଏବଂ ଡାକ୍ତରୀ ଚିକିତ୍ସା କରି ସୁସ୍ଥ କଲେ ।

ଖାଲି ଏଇ ଗୋଟିଏ ଘଟଣା ନୁହେଁ ଆମ ଗାଁରେ ଏମିତି ଅନେକ ଘଟଣା ଘଟିଥିବାର ତର୍ଜମା କରି ମୁଁ ଜାଣି ପାରିଲି । ମୋତେ ଲାଗିଲା ଗାଁ ଲୋକମାନେ ଏ ବିଷୟରେ ଆଦୌ ସଚେତନ ନୁହଁନ୍ତି । ତେଣୁ ସ୍ୱାତୀ ଓ ସେଭ୍ ଦି ଚିଲ୍ଡ୍ରେନ ତରଫରୁ ଆମ ଗାଁରେ ବାଲ୍ୟ ବିବାହ ନିରୋଧ ପାଇଁ ଯୋତେବେଳେ ଝିଅ ମାନଙ୍କୁ ସଂଗଠିତ କରାଗଲା ମୁଁ ମଧ ଆଗ୍ରହରେ ସେଥିରେ ସାମିଲ୍ ହେଲି । ପ୍ରଥମେ ଆମ ଝିଅମାନଙ୍କୁ କିଶୋରୀ ବାଳିକାଙ୍କ ବାଲ୍ୟବିବାହ ସମସ୍ୟା ଓ ଲଳିତା ବାବୁ ପଦ୍ଧତିରେ ୫ ଦିନ ପ୍ରଶିକ୍ଷଣ ଦିଆଗଲା । ଏହି ଟ୍ରେନିଂ ସମୟରେ ଯେତେବେଳେ ବାଲ୍ୟ ବିବାହ ସଂପର୍କରେ ନିଜ ଅନୁଭୂତିକୁ ନେଇ କିଛି ଭାଷଣ ଦେବାକୁ କୁହାଗଲା ସେତେବେଳେ ଗାଁର ସବୁ ଘଟଣା ମୋର ମନେ ପଡିଗଲା । ମୁଁ ଆଗରୁ ଏତେ ଲାଜକୁଳୀ ଥିଲି ଯେ ଠିଆ ହୋଇ କଥାପଦେ ବି କହି ପାରୁନଥିଲି । ତେବେ ସେହି

ଟ୍ରେନିଂ ମୋ ଭିତରେ ଏମିତି ଗୋଟେ ଶକ୍ତି ତିଆରି କରି ଦେଇଥିଲା ଯେ ମୁଁ ଛିଡାହୋଇ ଏ ସଂପର୍କରେ ଅନର୍ଗଳ କହି ଚାଲିଲି । କହିବାବେଳେ ମୋ ଦେହ ରାଗରେ ଥରୁଥିଲା । ସେଦିନ ମୋର ସେହି ଭାଷଣ ପାଇଁ ମୋତେ ପୁରସ୍କାର ମଧ ଦିଆଗଲା । ତେବେ ସେଠାକାର ଆଲୋଚନା ମୋତେ ଏପରି ପ୍ରଭାବିତ କରିଥିଲା ଯେ ମୁଁ ମନେ ମନେ ଶପଥ ନେଲି – ଗାଁ ଓ ଅଞ୍ଚଳରୁ ବାଲ୍ୟ ବିବାହ ରୋକିବା ପାଇଁ ମୁଁ ପ୍ରାଣପଣେ ଚେଷ୍ଟା କରିବି । ଆମେ ପାଠପଢୁଆ ଝିଅ ମାନେ ଯଦି ଏ ବିଷୟରେ ଲୋକମାନଙ୍କୁ ନବୁଝାଇବୁ ତାହେଲେ ଆମ ଝିଅଙ୍କ ଦୁର୍ଦ୍ଦଶା ବଦଳିବ ନାହିଁ ଏବଂ ଆମ ଅଂଚଳ ସବୁବେଳେ ପଛୁଆ ହୋଇ ରହିଯିବ ।

ଗାଁକୁ ଫେରି ଆମ ସାହିର ଝିଅ ମାନଙ୍କୁ ଏକାଠି କରି ମୁଁ ବାଳିକା ଦଳଟିଏ ଗଢିଲି । ଆମେ ଝିଅମାନଙ୍କୁ ମୁଁ ତାଲିମ୍‌ରୁ ଶିଖିଥିବା ବିଷୟ ସବୁ ଭଲଭାବେ ବୁଝାଇଲି । କେତେ ଝିଅ ଦଳରେ ଯୋଗ ଦେବାକୁ ଇଛା କରୁନଥିଲେ । ସେମାନଙ୍କୁ ବୁଝାଇ ଦଳରେ ମିଶାଇଲି । ସ୍ୱାତୀ କର୍ମୀଙ୍କ ସହାୟତାରେ ସପ୍ତାହକୁ ସପ୍ତାହ ବୈଠକ କରି ଆମେ ବାଳିକା ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟା ସହ ବାଲ୍ୟ ବିବାହ ରୋକିବା ବିଷୟରେ ମଧ ଆଲୋଚନା କଲୁ । ପ୍ରଥମେ ଆମେ ଦଳର ବାଳିକା ମାନେ ଅଠର ବର୍ଷ ପୂର୍ବରୁ ବାହା ନହେବା ପାଇଁ ଶପଥ ନେଲୁ । ତା ସହ ଯଦି ପରିବାର ଲୋକେ କମ୍ ବୟସରେ ବାହା ଦେବାକୁ ଜୋର୍ କରନ୍ତି ସମସ୍ତେ ମିଶି ବିରୋଧ କରିବୁ ବୋଲି ନିଷ୍ପତି ନେଲୁ ।

ଆମ ଘରେ ମୋର ବାହାଘର ମଧ ଠିକ୍ କରି ଦେଇଥିଲେ । କିନ୍ତୁ ମୋର ବୟସ ହୋଇ ନଥିବାରୁ ବାହା ହେବି ନାହିଁ ବୋଲି ସିଧା ମନାକଲି । ଘର ଲୋକମାନେ ମୋତେ ଯେତେବେଳେ ବେଶି ବାଧ କଲେ ତାଙ୍କୁ ବୁଝାଇବା ପାଇଁ ସ୍ୱାତୀ କର୍ମୀଙ୍କ ସାହାଯ୍ୟ ନେଲି । ଶେଷରେ ସେମାନେ ବୁଝିଲେ । ଏହି କାମ କରି ମୋତେ ଏବେ ବହୁତ ଗର୍ବ ଲାଗୁଛି । ମୋର ଆଶା ବହୁତ ଶୀଘ୍ର ଆମ ଲୋକମାନେ ଏ ବିଷୟରେ ସଚେତନ ହେବେ ଏବଂ ଆମ ଅଂଚଳରୁ ବାଲ୍ୟବିବାହ ସଂପୂର୍ଣ୍ଣ ବନ୍ଦ ହେବ ।



# ଅଭିଭାବକଙ୍କ ସଚେତନତାରୁ ବନ୍ଦ ହେଲା ବାଲ୍ୟ ବିବାହ




ବାଲ୍ୟ ବିବାହ କ୍ଷେତ୍ରରେ ସବୁବେଳେ ଯେ ଅଭିଭାବକ ମାନଙ୍କ ଭୁଲ୍‌ଥାଏ ତାହା ନୁହେଁ । ବେଳେବେଳେ କିଶୋରକିଶୋରୀ ମାନେ ଖରାପ ରାସ୍ତାରେ ପରିଚାଳିତ ହୋଇ ଭୁଲ୍ ନିଷ୍ପତି ନେଇଥାନ୍ତି । ସେଭଳି କ୍ଷେତ୍ରରେ ଅଭିଭାବକ ଏବଂ ସ୍ଥାନୀୟ ମୁଖ୍ୟଲୋକମାନେ ଯଦି ସଚେତନ ଥାଆନ୍ତି ଏବଂ ଉପଯୁକ୍ତ ପରାମର୍ଶ ଦିଅନ୍ତି ତାହେଲେ ସମସ୍ୟାର ସମାଧାନ ହୋଇଥାଏ ଏବଂ କିଶୋର କିଶୋରୀଙ୍କ ଭବିଷ୍ୟତ ସୁରକ୍ଷିତ ରହେ । ସ୍ଥାନୀୟ ସିର୍ତିଗୁଡା ଅଂଚଳର ଏହି ଘଟଣାଟି ତାର ଏକ ଉଦାହରଣ ।

ଗତ ୨୦୧୬ ମସିହାରୁ ସ୍ୱାତୀ ଓ ସେଭ୍ ଦି ଚିଲ୍‌ଡ୍ରେନ ଦ୍ୱାରା ଏହି ଅଂଚଳରେ ଅନନ୍ୟା କାର୍ଯ୍ୟକ୍ରମ ମାଧମରେ ବାଲ୍ୟବିବାହ ନିରୋଧ ଅଭିଯାନ ହୋଇ ଆସୁଛି । ଏହା ଜରିଆରେ ଗାଁର ବାଳକ ଓ ବାଳିକା ମାନଙ୍କୁ ସଂଗଠିତ କରି ପ୍ରଶିକ୍ଷଣ ଦିଆଯିବା ସହ ଗ୍ରାମବାସୀ, ଗାଁ ମୁଖିଆ, ପାରଂପରିକ ମୁଖ୍ୟ ଆଦିଙ୍କୁ ସଚେତନ କରାଯାଉଛି । ଗ୍ରାମସ୍ତରୀୟ ସଚେତନତା ପାଇଁ ସ୍ଥାନୀୟ ଲୋକ ପ୍ରତିନିଧି, ଶିକ୍ଷକ ଏବଂ ଅଙ୍ଗନବାଡି କର୍ମୀ ଆଦିଙ୍କୁ ସଂପୃକ୍ତ କରାଯାଉଛି । ସେହିପରି ଆବଶ୍ୟକ ସ୍ଥଳେ ସ୍ଥାନୀୟ ପୋଲିସ୍ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ସଂସ୍ଥାର ସହାୟତା ମଧ ନିଆଯାଉଛି । ଫଳରେ ଏହା ବର୍ତମାନ ସମସ୍ତଙ୍କୁ ପ୍ରଭାବିତ କରିବା ସହ ସଚେତନ ମଧ କରିଛି ।

ଏହି ଅଂଚଳର ଗୋଟିଏ ଗାଁର ଝିଅଟିଏ ରମ୍ୟା । ସ୍ଥାନୀୟ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢେ । ନିଜର କିଶୋରୀ ଭାବପ୍ରବଣତାକୁ ନେଇ ଜଣେ ପୁଅକୁ ସେ ଭଲପାଇବସିଲା । କ୍ରମେ ତାସହ ରମ୍ୟାର ସମ୍ପର୍କ ନିବିଡ ହେଲା ଏବଂ ପାଠପଢାରେ ତାର କୌଣସି ଧାନ ରହିଲା ନାହିଁ । ତାର ଏହି ସଂପର୍କ ବିଷୟରେ ଘରେ ମଧ କେହି ଜାଣିପାରିଲେ ନାହିଁ । ଦିନେ ସେହି ପୁଅ ସାଙ୍ଗ ସହ ସେ ଘରୁ ଲୁଚି ଚାଲିଗଲା ।  ରମ୍ୟାର ଜଣେ ସାଙ୍ଗ ଏହି ଘଟଣା ସଂପର୍କରେ ଜାଣିଥିଲା ଏବଂ ସେ ତାର ବାପା ମାଆଙ୍କୁ ଖବର ଜଣାଇଲା । ବାପା ମା ଏ କଥା ଶୁଣି ବହୁତ ଚିନ୍ତିତ ହୋଇ ପଡିଲେ । ରମ୍ୟାକୁ ମାତ୍ର ୧୫ ବର୍ଷ ହୋଇଥିଲା ଏବଂ ଏତେ ଛୋଟବେଳୁ ସେ ବିବାହ କଲେ ତାର ଭବିଷ୍ୟତ ନଷ୍ଟ ହୋଇଯିବ ବୋଲି ବାପା ମା ବ୍ୟସ୍ତ ହୋଇ ପଡିଲେ । ସ୍ୱାତୀ ଅନୁଷ୍ଠାନ ବାଲ୍ୟବିବାହ ନିରୋଧ ସଂପର୍କରେ ପଦକ୍ଷେପ ନେଉଥିବା ସେମାନେ ଜାଣିଥିଲେ । ତେଣୁ ତୁରନ୍ତ ସ୍ଥାନୀୟ ସ୍ୱାତୀକର୍ମୀଙ୍କୁ ଏହି ବିଷୟରେ ଅବଗତ କରାଇଲେ । ସ୍ୱାତୀ କର୍ମୀ ତାଙ୍କ ବାପାଙ୍କ ଠାରୁ ସବୁ ଶୁଣିଲା ପରେ ତାଙ୍କୁ ସାଥିରେ ଧରି ପ□ୟତ ଶିଶୁ ସୁରକ୍ଷା ସମିତି ମୁଖ୍ୟ ତଥା ସରପ□ଙ୍କ

ନିକଟକୁ ପହଁଚିଲେ । ସରପଞ୍ଚ ସେମାନଙ୍କୁ ତୁରନ୍ତ ସ୍ଥାନୀୟ ଥାନାରେ ଏକ ଏତାଲା ଦେବାକୁ କହିଲେ । ଏହାପରେ ସରପଞ୍ଚ ଓ ଥାନା ଅଧିକାରୀଙ୍କ ମିଳିତ ପଦକ୍ଷେପରେ ଝିଅକୁ ପୁଅର ଘରୁ ଉଦ୍ଧାର କରାଗଲା ଓ ତାର ପରିବାରକୁ ହସ୍ତାନ୍ତର କରାଗଲା । ସରପଞ୍ଚ ଓ ସାତୀ କର୍ମୀ ଝିଅଘରକୁ ଯାଇ କମ୍ ବୟସରେ ବିବାହ କଲେ କିପରି ଭବିଷ୍ୟତ ବିପଦପୂର୍ଣ୍ଣ ହେବ. ଶରୀର ଅସୁସ୍ଥ ହେବ ଏବଂ ଆଇନ ଅନୁସାରେ ମଧ ଦଣ୍ଡିତ ହେବ ତାହା ତାକୁ ବୁଝାଇଲେ । ଶେଷରେ ଝିଅଟି ବୁଝିଲା । ଏବେ ସେ ସ୍କୁଲ୍‌ରେ ପୁଣି ନିଜର ପଢା ଚାଲୁ ରଖିଛି ।


# ଅନନ୍ୟା କାର୍ଯ୍ୟକ୍ରମରୁ ବାଳିକା ସ୍ୱାସ୍ଥ୍ୟରକ୍ଷାର ଶିକ୍ଷା ପାଇଲେ ପ୍ରଣତି



ନୂଆଗାଁ ବ୍ଲକ୍ ଗାନ୍ଧିଗାଁର ଷୋହଳ ବର୍ଷ ବୟସ୍କା ଝିଅଟିଏ ପ୍ରଣତି । ମାଟ୍ରିକ୍ ଯାଏ ପାଠ ପଢିବା ସହ ଗାଁର ଅନନ୍ୟା ବାଳିକାଦଳର ମୁଖ୍ୟ ହିସାବରେ ଦାୟିତ୍ୱ ତୁଲାଉଛନ୍ତି । ଅନନ୍ୟା କାର୍ଯ୍ୟକ୍ରମର ବିଭିନ୍ନ ପ୍ରଶିକ୍ଷଣ ଏବଂ ଆଲୋଚନା ବୈଠକ ଗୁଡିକରେ ସେ ନୀୟମିତ ଯୋଗ ଦେଇଥାନ୍ତି । ତାଙ୍କ ମତରେ ଏହି କାର୍ଯ୍ୟକ୍ରମ ତାଙ୍କୁ ମାନସିକ ଭାବେ ଦୃଢ କରିବା ସହ ବାଳିକା ସ୍ୱାସ୍ଥ୍ୟରକ୍ଷା ସଂପର୍କରେ ଅନେକ ଶିକ୍ଷା ଦେଇଛି ।

ସେ କହନ୍ତି ଯେ, ଝିଅଟିଏ ପାଇଁ ଏହି କିଶୋରୀ ବୟସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ତାର ଶାରୀରିକ ଅଭିବୃଦ୍ଧି ହୋଇଥାଏ ଏବଂ ଭବିଷ୍ୟତରେ ଜଣେ ସ୍ତ୍ରୀ ଓ ମା ହିସାବରେ ଦାୟିତ୍ୱ ତୁଲାଇବା ପାଇଁ ଏହିଠାରୁ ମୂଳଦୂଆ ପଡେ । ଝିଅଟି ରତୁସ୍ରାବ ଏବଂ ତଦ୍‌ଜନିତ ବିଭିନ୍ନ ସ୍ୱାସ୍ଥ୍ୟଗତ ପ୍ରତିକ୍ରିୟାର ସମ୍ମୁଖିନ ହୁଏ । ତେଣୁ ଏହିବେଳେ ଝିଅଟି ନିଜର ଶରୀର ଓ ସ୍ୱାସ୍ଥ୍ୟ ସଂପର୍କରେ ବିଶେଷ ଜ୍ଞାନ ପାଇବା ଆବଶ୍ୟକ । କିନ୍ତୁ ଗାଁଗହଳରେ ପରିବାର ଏବଂ ଅଭିଭାବକ ମାନଙ୍କ ମଧରେ ସେ ସଂପର୍କିତ ସଚେତନତା ନଥିବାରୁ ସେମାନେ ଏବିଷୟରେ ଉପଯୁକ୍ତ ସହାୟତା ବା ସୁଯୋଗ ପାଆନ୍ତି ନାହିଁ । କନ୍ଧମାଳର ଏହି ଅଭ୍ୟନ୍ତରୀଣ ଗାଁ ଗୁଡିକରେ ସ୍ୱାସ୍ଥ୍ୟସେବାର ବିଶେଷ ସୁଯୋଗ ନାହିଁ । ଲୋକମାନେ ରତୁସ୍ନାନ, ଗର୍ଭଧାରଣ ଓ ସନ୍ତାନ ଜନ୍ମ ଆଦି ପାଇଁ ଅନେକ ପାରଂପରିକ ଅଭ୍ୟାସ ଓ ଚେରମୂଳୀ ଚିକିତ୍ସା କରନ୍ତି । ରତୁସ୍ନାନ ଓ ସନ୍ତାନ ଜନ୍ମ ଆଦିରେ ମହିଳା ମାନଙ୍କୁ ଅନେକ ସାମାଜିକ

କଟକଣା ଥାଏ । ଏସବୁ ଦ୍ୱାରା ସଂପୃକ୍ତ ଝିଅ ବା ମହିଳା ମାନେ ଅଧିକ ସମସ୍ୟା ଓ ଯନ୍ତ୍ରଣାର ଶିକାର ହୁଅନ୍ତି । ସେହିପରି ଋତୁସ୍ରାବ ଜନିତ କୌଣସି ଅସୁବିଧା ହେଲେ ଝିଅ ମାନେ ସଂକୋଚରେ ବାହାରେ ପ୍ରକାଶ କରିପାରନ୍ତି ନାହିଁ । କାରଣ ଏହାକୁ ନେଇ ଅନେକ କଥା ଝିଅଟିକୁ ଶୁଣିବାକୁ ହୋଇଥାଏ । ତେଣୁ ଝିଅଟିଏ ନିଜର ରୋଗ ବା ଏସବୁ ସମସ୍ୟା ପ୍ରକାଶ କରିବାକୁ ଭୟ ମଧ୍ୟ କରିଥାଏ । ଜଣେ ଝିଅ ହିସାବରେ ପ୍ରଣତି ମଧ୍ୟ ଏସବୁ ସମସ୍ୟାକୁ ସାମ୍ନା କରିଥିଲେ ।




ଅନନ୍ୟା କାର୍ଯ୍ୟକ୍ରମରେ ବାଳିକା ମାନଙ୍କର ସ୍ୱାସ୍ଥ୍ୟରକ୍ଷା ଏବଂ ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟ ସଂପର୍କରେ ବିଭିନ୍ନ ତାଲିମ ଦିଆଯିବାରୁ ପ୍ରଣତିଙ୍କ ମନଭିତରେ ଥିବା ଅନେକ ଦ୍ୱନ୍ଦ୍ୱର ସମାଧାନ ହୋଇ ପାରିଲା । ଏହି କାର୍ଯ୍ୟକ୍ରମରେ ଏ.ଏନ୍.ଏମ୍, ଅଙ୍ଗନବାଡି କର୍ମୀ ଏବଂ ସ୍ୱାସ୍ଥ୍ୟସେବିକା ମାନଙ୍କ ଦ୍ୱାରା କରାଯାଉଥିଲା ଏବଂ ସେମାନେ ବାଳିକା ମାନଙ୍କ ସହ ଅନ୍ତରଙ୍ଗ ଭାବେ ଆଲୋଚନା କରି ସେମାନଙ୍କର ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ବ୍ୟବସ୍ଥା ସଂପର୍କରେ ବୁଝାଉଥିଲେ । ଏହା ଝିଅ ମାନଙ୍କର ଏକ ସ୍ୱାଭାବିକ ପ୍ରକ୍ରିୟା ଏବଂ ସେମାନେ ଏସଂପର୍କରେ ବିଶେଷ ଜ୍ଞାନ ହାସଲ କରିବା ଦରକାର ବୋଲି କହୁଥିଲେ । ଏ ସଂପର୍କିତ ପରାମର୍ଶ ଗାଁ ପାଖରେ କିପରି ଏ.ଏନ୍.ଏମ୍, ଅଙ୍ଗନବାଡି କର୍ମୀ ଏବଂ ସ୍ୱାସ୍ଥ୍ୟସେବିକା ମାନଙ୍କ ଠାରୁ କିପରି ପାଇପାରିବେ ତାହା ଜଣାଉଥିଲେ । ସେହିପରି ଶ୍ରଦ୍ଧା କ୍ଲିନିକ୍ ଜରିଆରେ କିଶୋରୀ ବାଳିକା ମାନେ କିପରି ସ୍ୱାସ୍ଥ୍ୟସେବା ଓ ପରାମର୍ଶ ପାଇବେ ତାପାଇଁ ସ୍ୱାତୀ ତରଫରୁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା ।

ପ୍ରଣତି ଏହି ସବୁ ଆଲୋଚ୍ୟ ବିଷୟ ଗୁଡିକ ମନେ ରଖି ଗାଁରେ ବାଳିକା ଦଳର ଅନ୍ୟ ସାଥି ମାନଙ୍କୁ ବୁଝାଇଲେ । ଫଳରେ ବାଳିକା ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ସେମାନଙ୍କ ମନରେ ଯେଉଁସବୁ ଆଶଙ୍କା ରହିଥିଲା ତାହା ଦୂର ହେଲା । କୌଣସି ଝିଅର କିଛି ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ତାକୁ ସ୍ଥାନୀୟ ଅଙ୍ଗନବାଡି କର୍ମୀଙ୍କ ପାଖକୁ ନେଇ ଆଲୋଚନା କଲେ । ସେହିପରି ଦଳର ସଭ୍ୟା ମାନଙ୍କୁ ନେଇ ଶ୍ରଦ୍ଧା କ୍ଲିନିକ୍‌କୁ ଗଲେ ଏବଂ ସେଠାରେ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ସେମାନଙ୍କୁ ଅବଗତ କରାଇଲେ ।

ପ୍ରଣତିଙ୍କ ମତରେ ବାଳିକା ସ୍ୱାସ୍ଥ୍ୟ ସଂପର୍କରେ ଗାଁ ଝିଅ ମାନଙ୍କର ଅଜ୍ଞତା ଓ ଅସଚେତନତା ସେମାନଙ୍କୁ ବହୁ ସମସ୍ୟାରେ ପକାଇଥାଏ । ଅନନ୍ୟା କାର୍ଯ୍ୟକ୍ରମରେ ଯୋଗଦେବା ପରେ ଗାଁର ଝିଅମାନେ ଏବେ ଅନେକ ସଚେତନ ହୋଇପାରିଛନ୍ତି ।

# ବିବାହ ପ୍ରତ୍ୟାଖ୍ୟାନ କରି ପାଠ ପଢିଲେ ଗୀତାଞ୍ଜଳୀ



ଗୀତାଞ୍ଜଳୀର ବିବାହ ପାଇଁ ପରିବାର ତରଫରୁ ସବୁ ପ୍ରକାର ଆୟୋଜନ ସରିଯାଇଥିଲା । ବରଘର ସହ କଥା ଦିଆନିଆ, ବାହାଘର ଦିନ ଧାର୍ଯ୍ୟ ଓ ଗାଁ ସମାଜରେ ଆଲୋଚନା ଆଦି ସବୁ ସରିଥିଲା । ତେବେ ସେତେବେଳକୁ ଗୀତାଞ୍ଜଳୀ ଦଶମ ଶ୍ରେଣୀରେ ପଢୁଥିଲା । ବୟସ ପନ୍ଦର ମଧ ପୁରି ନଥିଲା ତାକୁ । ଏ ବିବାହରେ ତାର ଆଦୌ ସମ୍ମତି ନଥିଲା । ଘରେ ବାହା ନହେବା ପାଇଁ ଯେତେ ଅନୁରୋଧ କଲେ ମଧ କେହି ତାଙ୍କ କଥାକୁ କାନ ଦେଇନଥିଲେ । ସେତେବେଳକୁ ତାର ଗାଁ ସାରଙ୍ଗଗଡରେ ସ୍ୱାତୀ ଓ ସେଭ ଦି ଚିଲ୍ଡ୍ରେନ୍ ତରଫରୁ ବାଲ୍ୟ ବିବାହ ନିରୋଧ୍ ଅଭିଯାନ ଅନନ୍ୟା କାର୍ଯ୍ୟକ୍ରମ ଆରମ୍ଭ ହେଉଥିଲା । ତେବେ ଗାଁରେ ଅଭିଭାବକ ମାନଙ୍କର ଏ ଦିଗରେ ସଚେତନତା ନଥିବାରୁ ସେମାନେ ଗାଁରେ ବାଳିକା ମାନଙ୍କର ବୈଠକ ଓ ଟ୍ରେନିଂ ଆଦି କର୍ଯ୍ୟକ୍ରମକୁ ପସନ୍ଦ କରୁନଥିଲେ । ସେହିପରି ସମାଜର ମୁଖ୍ୟ ମାନେ ମଧ ଏହା ସେମାନଙ୍କର ସାମାଜିକ ନୀୟମକୁ ବିରୋଧ କରୁଛି ବୋଲି ଭାବି ସମର୍ଥନ ଜଣାଉନଥିଲେ । ତେଣୁ ଗାଁ ଗୁଡିକରେ ବାଳିକା ଦଳ ଗଠନ କରିବା ଓ ସେମାନଙ୍କୁ ପ୍ରଶିକ୍ଷଣ ଦେବାରେ ବାଧା ଉପୁଜୁଥିଲା । ବାଲ୍ୟ ବିବାହର ଅପକାରୀତା ବିଷୟରେ ସ୍ୱାତୀର କର୍ମୀମାନେ ଗାଁ ଗାଁରେ ବୈଠକ କରି ଗାଁ ଲୋକମାନଙ୍କୁ ବୁଝାଇବାରେ ଲାଗି ପଡିଥିଲେ । ସାରଙ୍ଗଗଡ ଗାଁରେ ପ୍ରଥମେ ଯେତେବେଳେ ବାଳିକା ଦଳ ଗଠନ କରାଗଲା ଗୀତାଞ୍ଜଳୀର ପରିବାର ଲୋକେ ସେଥିରେ ଯୋଗ ଦେବାକୁ ତାକୁ ଆକଟ ମଧ କରିଥିଲେ । ତେବେ ନିଜର ବାହାଘର ରୋକିବା ପାଇଁ ସେ ସ୍ୱାତୀ ଓ ସେଭ୍ ଦି ଚିଲଡ୍ରେନ୍‌ର କର୍ମକ□ଙ୍କୁ ଜଣାଇବାପାଇଁ ନିଷ୍ପ□ନେଲା ।

ସ୍ୱାତୀ କର୍ମୀମାନେ ଏ ଖବର ପାଇ ଗୀତାଞ୍ଜଳୀର ବାପା ମାଆ ଙ୍କୁ ଭେଟି ଏହି ବାହାଘରରେ ଥିବା ସମସ୍ୟା ସଂପର୍କରେ ଆଲୋଚନା କଲେ । ସେମାନେ ବାହାଘର ବନ୍ଦ ରଖିବାକୁ ସେମାନଙ୍କୁ ପରାମର୍ଶ ଦେଲେ । କିନ୍ତୁ କୁଳ ସମାଜରେ ଏହା ଧାର୍ଯ୍ୟ ହୋଇ ସାରିଥିବାରୁ ବିବାହ ବନ୍ଦ କରିବା ସମ୍ଭବ ନୁହେଁ ବୋଲି ସେମାନେ ଜଣାଇଲେ । ବାହାଘର ବନ୍ଦକଲେ ସମାଜ ସେମାନଙ୍କୁ ବାସନ୍ଦ କରିବ ଏବଂ ସେମାନେ ସମସ୍ୟାରେ ପଡିବେ ବୋଲି ଜଣାଇଲେ । ଶେଷରେ ସ୍ୱାତୀ କର୍ମୀଙ୍କ ଉଦ୍ୟମରେ ପୁଅ ଓ ଝିଅ ଉଭୟ ପରିବାର, ଗ୍ରାମବାସୀ, କୁଳ ମୁଖ୍ୟ ଓ ସ୍ଥାନୀୟ ପ□ୟତ ପ୍ରତିନିଧିଙ୍କୁ ନେଇ

ଏକ ବୈଠକ କରାଗଲା । ବୈଠକରେ ଏହି ବିବାହରେ ଥିବା ବୟସଗତ ସମସ୍ୟା, ଝିଅର ଅସମ୍ମତି ଏବଂ ବାଲ୍ୟ ବିବାହରେ ଥିବା ଆଇନଗତ ଦିଗ ଗୁଡିକ ସଂପର୍କରେ ବିଶଦ ଆଲୋଚନା କରାଗଲା । କମ୍ ବୟସରେ ଝିଅଟିଏ ବିବାହ କଲେ ଭବିଷ୍ୟତରେ ସମ୍ମୁଖିନ ହେବାକୁଥିବା ସ୍ୱାସ୍ଥ୍ୟଗତ ସମସ୍ୟା ବିଷୟରେ ମଧ୍ୟ ସାତୀ କର୍ମୀମାନେ ଜଣାଇଲେ । ଶେଷରେ ଏହି ବାହାଘରରେ ଗୀତାଞ୍ଜଳୀର ମତାମତ ବିଷୟରେ ପଚରାଗଲା । ସେ ଏହି ବିବାହରେ ସମ୍ପୂର୍ଣ୍ଣ ଅସମ୍ମତ ଏବଂ ଅଧିକ ପାଠ ପଢିବାକୁ ଚାହୁଁଛି ବୋଲି ସ୍ପଷ୍ଟଭାବେ ଜଣାଇଲା । ତାର କଥାକୁ ଗୁରୁତ୍ୱ ଦେଇ ଏହି ବାହାଘର ବନ୍ଦ କରିବାକୁ ନିଷ୍□ନିଆଗଲା ।

ଏବେ ଗୀତାଞ୍ଜଳୀ ମାଟ୍ରିକ୍ ପାଶ୍ କରିଯୁକ୍ତ ଦୁଇ ଶ୍ରେଣୀରେ ପାଠ ପଢୁଛି । ଗାଁରେ ଏବେ ବାଳିକା ଦଳ ଗଢାଯାଇଛି ଏବଂ ଗୀତାଞ୍ଜଳୀ ମଧ୍ୟ ସେଥିରେ ସଂପୃକ୍ତ ଅଛି । ବାଳିକା ଦଳର ସଭ୍ୟାମାନେ ବାଲ୍ୟ ବିବାହ ରୋକିବା ପାଇଁ ଅନନ୍ୟାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି ।

# ବାହାଘର ପିଲାଖେଳ ନୁହେଁ




ସେଦିନ ଚାଂଚେଡିର ଗାଁ ଦାଣ୍ଡରେ ଗାଁର ବାଳିକା ଦଳ ନିଜେ ଶିଖିଥିବା ଏକ ଛୋଟ ନାଟକ କରୁଥାନ୍ତି । ଚାରିପଟେ ଘେରି ବସିଥାନ୍ତି ପିଲାମାନେ । ଗାଁର ବଡ ଲୋକମାନେ ଏଣେତେଣେ ବସିଥାନ୍ତି । ମାଆମାନେ, ବୟସ୍କ ଲୋକମାନେ ପିଣ୍ଡାବାଡିରେ ବସି ଚାହିଁଥାନ୍ତି । ଯୁବକ ପିଲାମାନେ ସାମ୍ନାରେ ଛିଡାହୋଇ ଥଟ୍ଟାମଜା କରୁଥାନ୍ତି । ନିଜ ଅଂଚଳର ଝିଅଟିଏର ଜୀବନ କାହାଣୀକୁ ନେଇ ସେମାନେ ନାଟକଟି କରୁଥାନ୍ତି ।

ପ୍ରଥମେ ଝିଅଟି ସାଙ୍ଗ ସାଥିମାନଙ୍କ ସହ ଖେଳିବା, ଘର କାମରେ ସାହାଯ୍ୟ କରିବା, ପାଠ ପଢିବାକୁ ସ୍କୁଲ୍ ଯିବାକୁ ଇଚ୍ଛା ଥିଲେ ବି ଯାଇ ନପାରି ସାନ ଭାଇ ଭଉଣୀଙ୍କୁ ଜଗିବା କାମରେ ନିୟୋଜିତ ରହିବା ଆଦି ବିଷୟ ଗୁଡିକୁ ସେମାନେ ଦେଖାଇଲେ । ଏହାପରେ କମ୍ ବୟସରେ ପରିବାର ଲୋକେ ଝିଅଟିକୁ ବାହାଘର କରି ଦେବାକୁ ଠିକ୍ କରୁଛନ୍ତି । ବରଘର କୁଣିଆ ଆସୁଛନ୍ତି ।

ମଦପାଣି ହେଉଛି । ଉଭୟ ପରିବାରର ମୁରବୀ, ଗାଁ ମୁରବୀ ଆଦି ବସି ବାହାଘରର ପ୍ରସ୍ତାବ ଚୁଡାନ୍ତ କରୁଛନ୍ତି । କଥା ଛିଣ୍ଡିବା ପରେ ସମସ୍ତେ ଖୁସି ହୋଇ ମଦ ପାଣି ପିଉଛନ୍ତି ଆଦି ଦୃଶ୍ୟ ଦେଖାଇଲେ । ଗାଁର ଏହି ନିତି ଦିନିଆ ଦୃଶ୍ୟ ଗୁଡିକ ଅଭିନୟ କରି ଦେଖାଉଥିବାବେଳେ ଛୋଟ ପିଲାମାନେ ହସି ହସି ଗଡି ଯାଉଥିଲେ । ବଡ ଲୋକମାନେ ଓ ମାଆମାନେ ବି ମୁରୁକି ହସା ମାରୁଥିଲେ ।

ଏହାପରେ ଝିଅଟିର ବାହାଘର ହେଉଛି । ସ୍ଥାନୀୟ ଅଂଚଳରେ ଯେମିତି ବାହାଘର ହୁଏ ଠିକ୍ ସେମିତି ଦୃଶ୍ୟ । ବରକୁ କାନ୍ଧରେ ବସେଇ ବରପକ୍ଷ ଲୋକମାନେ ଆସୁଛନ୍ତି । ଝିଅଟିକୁ କନ୍ୟା ବେଶରେ ସଜେଇ ଅଣାଯାଉଛି । ଗାଁ ଦାଣ୍ଡରେ ନାଚଗୀତ ହେଉଛି । ଏହାପରେ ଭୋଜିଭାତ ଓ ମଦପାଣି ବ୍ୟବସ୍ଥା ହେଉଛି । ତାର ସାଙ୍ଗସାଥିମାନେ ତାକୁ ବାଟେଇ ଦେଉଛନ୍ତି । ଝିଅଟି ଲୁହ ଛଳଛଳ ଆଖିରେ ବରଘରକୁ ଚାଲି ଯାଉଛି ।

ଝିଅଟି ଗର୍ଭବତୀ ହୋଇଛି । ତଥାପି ଘରକାମ କରୁଛି । ରୋଗିଣା ପରି ଟଳଟଳ ହୋଇ ଚାଲୁଛି । ଗୋଡହାତ ଫୁଲି ଯାଇଛି । ତା ବର ଜଣେ ଗୁଣିଆକୁ ଡାକି ଆଣିଛନ୍ତି । ସେ ଝଡାଫୁଙ୍କା କରୁଛି । ଚେରମୂଳି ଖାଇବାକୁ ଦେଉଛି । ତାକୁ ଖାଇ ଝିଅଟି ବାନ୍ତି କରୁଛି । ଦୁର୍ବଳତାର ମୁଣ୍ଡ ବୁଲାଇ ତଳେ ପଡୁଛି ।

ଝିଅଟି କତରାଲଗା ହୋଇ ପଡି ରହିଛି । ତାର ପିଲା ଜନ୍ମ କରିବା ସମୟ ଆସି ଯାଇଛି । ପାଖିରେ ଦି ଜଣ ସ୍ତ୍ରୀ ଲୋକ ବସିଛନ୍ତି । ତାର ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଛି । ସେ ଚିତ୍କାର କରୁଛି । ଚିତ୍କାର କରି କରି ଶେଷରେ ନିସ୍ତେଜ ହୋଇଯାଇଛି । ସ୍ୱାମୀ ଅଙ୍ଗନବାଡି କର୍ମୀଙ୍କୁ ସାଥିରେ ଧରି ପହଂଚିଛି ।  ଅଙ୍ଗନବାଡି ବହୁ ଚେଷ୍ଟା କରିବା ପରେ ମୃତ ପିଲାଟିଏ ଜନ୍ମ ହୋଇଛି ଏବଂ ଅଧିକ ରକ୍ତଶ୍ରାବ ଯୋଗୁଁ ଝିଅଟି ମଧ୍ୟ ମରିଯାଇଛି ।



ଦେଖଣାହାରୀ ସମସ୍ତେ ସ୍ତବ୍ଧ ହୋଇଯାଇଛନ୍ତି । କାହାର ପାଟିରୁ କଥା ପଦେ ମଧ ବାହାରୁ ନାହିଁ । ମହିଳା ମାନଙ୍କ ଆଖି ଛଳଛଳ ହୋଇ ଯାଇଛି । ଆହା- ଝିଅଟି ମରିଗଲା !!

ଅନନ୍ୟାର ଜଣେ ଝିଅ ଆସି ପହଞ୍ଚିଛନ୍ତି । ଚାରି ପଟକୁ ବୁଲି ବୁଲି ସମସ୍ତ ଦେଖଣାହାରୀ ମାନଙ୍କୁ ପଚାରୁଛନ୍ତି – ଏହି ଝିଅ ମଲା କାହିଁକି ? ଏହାର ମରିବା ପଛରେ ଦାୟୀ କିଏ ? ? ସମସ୍ତେ ସେମିତି ଚାହିଁଛନ୍ତି ।

ଶେଷରେ ଅଙ୍ଗନବାଡି ଦିଦି ବୁଝାଇ ଦେଉଛନ୍ତି - ଅତି କମ୍ ବୟସରୁ ବିବାହ କରିବା ଯୋଗୁଁ ହିଁ ଏ ଝିଅର ଅବସ୍ଥା ଏମିତି ହୋଇଛି । ଏହାର ଗର୍ଭାଶୟ ପିଲା ଧାରଣ ପାଇଁ ଠିକ୍ ଭାବେ ବିକଶିତ ହୋଇନାହିଁ । ଏହାକୁ ଆମେ ଠିକ୍ ଭାବେ ଚିକିତ୍ସା କି ଖାଦ୍ୟ ବି ଦେଇନେ । ତେଣୁ ଗର୍ଭଧାରଣ ସମସ୍ୟା ଓ ରକ୍ତହୀନତାରୁ ତାର ମୃତ୍ୟୁ ହେଲା । ତେଣୁ ଆଇନ ଅନୁସାରେ ନୀୟମ ରହିଛି - ଅଠର ବର୍ଷ ପୂର୍ବରୁ ଝିଅ ଓ ଏକୋଇଶ ବର୍ଷ ପୂର୍ବରୁ ପୁଅ ବିବାହ କରାଯାଇପାରିବ ନାହିଁ । ଏହା ଅପରାଧ ଓ ଏଥିପାଇଁ ଅଭିଭାବକ ମାନେ ଜେଲ୍ ଓ ଜୋରିମାନା ଦଣ୍ଡ ପାଇବେ ।

ଏହାପରେ ବାଳିକା ଦଳର ସମସ୍ତ ଝିଅମାନେ ମଂଚ ଉପରେ ଛିଡାହୋଇ ଶପଥ ନେଉଛନ୍ତି - ଆମେ ବାଲ୍ୟ ବିବାହ କରିବା ନାହିଁ । ବାଲ୍ୟ ବିବାହକୁ ପ୍ରତିରୋଧ କରିବା । ତାପରେ ସେମାନେ ଗୀତଟିଏ ଗାଇଗାଇ ସମସ୍ତ ଗାଁ ଲୋକଙ୍କୁ ବୁଝାଉଛନ୍ତି –




ହେ ସାଙ୍ଗ ବାହାଘର ନୁହେଁ ପିଲାଖେଳ
ଜାଣିଥା . . ଶୁଣିଥା ମନେ ରଖିଥା
ସେଥିପାଇଁ ପରା ନୀୟମ ହୋଇଛି
ପୁଅ ଏକୋଇଶି ଝିଅ ଅଠର
ଜାଣିଥା . . ଶୁଣିଥା ମନେ ରଖିଥା
ହେ ସାଙ୍ଗ ବାହାଘର ନୁହେଁ ପିଲାଖେଳ

ଗାଁ ଝିଅମାନଙ୍କର ଏହି ନାଟକଟି ସେଦିନ ବେଶ୍ ଆନ୍ଦୋଳିତ କରିଥିଲା ଚାଂଚେଡି ଗାଁର ଲୋକମାନଙ୍କୁ ।

# ସାଙ୍ଗ ପାଖକୁ ରେଶମାର ଚିଠି

ସରିତା କେମିତି ଅଛୁ । ମଉସା, ମାଉସୀଙ୍କୁ ନମସ୍କାର ଆଉ ସସ୍ମିତାକୁ ସ୍ନେହ ଜଣାଇଦେବୁ । ସମସ୍ତେ ଭଲଥିବେ ବୋଲି ଆଶା । ବହୁତ ଦିନ ହେବ ତୋ ସାଙ୍ଗରେ ଦେଖାହୋଇନି । ଶେଷଥର ଦଶହରା ସମୟରେ ବାଲିଗୁଡାରେ ମିଶିଥିଲେ । ତୁ ତ ଆଉ ସାରଙ୍ଗଗଡ ଆସୁନୁ । ଆସନ୍ତା ନୁଆବର୍ଷରେ ନିଶ୍ଚୟ ଆସିବୁ । ବହୁତ ମଜା କରିବା । ତୋତେ କେତେ କଥା ଜଣେଇବାର ଅଛି । ତୋ ଫୋନ୍ ନମ୍ବର ମୋ ପାଖରେ ନାହିଁ । ସେଥିପାଇଁ ଚିଠି ଲେଖୁଛି ।




ଜାଣିଛୁ, ମୋ ସାଙ୍ଗରେ କୁନ୍ତଳା ବୋଲି ଯେଉଁ ଝିଅଟି ପଢୁଥିଲା, ଗତ ବର୍ଷ ତାର ବାହାଘର ହୋଇଯାଇଥିଲା ବୋଲି କହୁନଥିଲି । ଦଶମ ପରୀକ୍ଷା ଦେଇଥାନ୍ତା ହେଲେ ତାଙ୍କ ଘର ଲୋକ ବାହାଘର କରେଇଦେଲେ । ଏ ବର୍ଷ ତାର ପିଲାପିଲି ହେବାର ଥିଲା । ଦେହ ଖରାପ ହୋଇ ଗୋଡହାତ ସବୁ ଫୁଲି ଗଲା । ଡାକ୍ତରଖାନାରେ ଗୋଟେ ମଲା ପିଲା ଜନ୍ମ କଲା । ନିଜେ ବି ମରିଯାଇଥାନ୍ତା ଲୋ । ମାସେ ଯାଏ ଡାକ୍ତଖାନାରେ ରହିଲା । ଏବେ ତାର ବାପା ନିଜ ଘରକୁ ନେଇଆସିଛନ୍ତି । ଛୋଟବେଳୁ ବାହାଘର କରିଦେବାରୁ ସିନା ଏଇ ଦଶା ହେଲା । ଆମ ଗାଁଗହଳର ଲୋକମାନେ ତ ସେମିତି । ବାର ତେର ବର୍ଷରୁ ବାହାଘର କରିଦେବେ । ବୁଝିବେନି ଯେ ଛୋଟ ଝିଅଟା ବାହା ହେଲେ ମା ହେବାକୁ ଶକ୍ତି ପାଇବ କି ନାହିଁ, ଶାଶୁଘରେ ଘର ଚଳେଇପାରିବ କି ନାହିଁ । ସେ ଝିଅର ବି ଯଦି ସେଥିକି ଜ୍ଞାନ ଥାନ୍ତା ତାହେଲେ ଘରଛାଡି କୁଆଡେ ପଳେଇଯାଇଥାନ୍ତା ସିନା ବାହା ହୋଇନଥାନ୍ତା ।

ହେଲେ ଜାଣିଛୁ, ଏବେ ଆମ ଗାଁରେ ଆମେ ସବୁ ଝିଅମାନେ ମିଶି ଶପଥ ନେଇଛୁ, ୧୮ ବର୍ଷ ପୂର୍ବରୁ ବାହା ହେବୁ ନାହିଁ । ଗାଁରେ କେହି ଛୋଟ ଝିଅକୁ ବାହାଘର କଲେ ଆମେ ଯାଇ ବନ୍ଦ କରୁଛୁ । ଆମ କଥା ନମାନିଲେ ଥାନାରେ ଯାଇ ଜଣେଇବୁ ବୋଲି କହୁଛୁ । ତୁ ଭାବୁଥିବୁ ଆମେ କେମିତି ଏତେ ସାହାସିଆ ହୋଇଗଲୁ । କିନ୍ତୁ ସତ କଥା ଲୋ ।

ସ୍ୱାତୀ ସଂସ୍ଥାର ଜଣେ ଦିଦି ଆମ ଗାଁକୁ ଆସି ଆମ ଝିଅମାନଙ୍କୁ ଡାକି ସବୁକଥା ବୁଝେଇଲେ । ତାଙ୍କ କଥା ଶୁଣି ଆମର ବହୁତ ଆଗ୍ରହ ହେଲା । ସେ ଆମକୁ ଟ୍ରେନିଂ ଦେବାକୁ ସାଥିରେ ନେବାପାଇଁ କହିଲେ । ମୁଁ ଘରେ ଏ ବିଷୟରେ କହିବାରୁ ସେମାନେ ମନା କରୁଥିଲେ । କିନ୍ତୁ ସେ ଦିଦି ନିଜେ ଯାଇ ଆମଘରେ ବୁଝାଇଲେ । ଆମେ ସ୍ୱାତୀ ସଂସ୍ଥାର



ବନ୍ଧଗଡ ଅଫିସରେ ଯାଇ ପା□ଦିନ ଲଳିତା-ବାବୁ ଟ୍ରେନିଂ ନେଲୁ । ଆମ ଅଂଚଳରୁ ଅନ୍ୟସବୁ ଗାଁରୁ ବହୁତ ଝିଅ ବି ଯାଇଥିଲେ । ସେଠି କିଶୋରୀ ବାଳିକା ମାନଙ୍କର ମନୋଭାବ. ସ୍ୱାସ୍ଥ୍ୟ, ବଂଚିବା କୌଶଳ ଏବଂ ବାଲ୍ୟ ବିବାହର ଅପକାରୀତା ଆଦି ବିଷୟରେ ଟ୍ରେନିଂ ଦିଆଗଲା । ବହୁତ ଭଲ ଲାଗିଲା ଆଉ ବହୁତ କଥା ବି ଶିଖିବାକୁ ମିଳିଲା ସେଠି । ଆମେ ବି ସେଠି ନିଜେ ନାଚଗୀତ କଲୁ, ଭାଷଣ ଦେଲୁ, ଡ୍ରାମା କଲୁ ।  ମୋତେ ତ ଲାଗିଲା ମୋ ଭିତରେ ଝିଅପିଲା ବୋଲି ଯେଉଁ ଡରଥିଲା ତାହା କୁଆଡେ ଉଭେଇଗଲା । ସେଠୁ ଫେରିବା ପରେ ଆମ ଗାଁର ସବୁଝିଅ ମାନେ ଏକାଠି ହୋଇ ଗୋଟେ ଦଳ କରିଛୁ ।

ତୁ ଏଥର ଆମ ଗାଁକୁ ଆସିଲେ ଦେଖିବୁ ଆମେ କେମିତି ଆମ ଅନନ୍ୟା ଦଳ ମାଧମରେ କେତେସବୁ କାମ କରୁଛୁ । ସବୁ ସପ୍ତାହରେ ଆମର ମିଟିଂ କରୁଛୁ । ଗାଁ ସଫେଇ, ଗାଁ ଲୋକଙ୍କୁ ବାଲ୍ୟ ବିବାହ ବନ୍ଦ କରିବା ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ବୁଝାଉଛୁ । ଏ ବର୍ଷ ବଡ ଧୁମ୍‌ଧାମ୍‌ରେ ରଜ ଉତ୍ସବ ପାଳିଥିଲୁ । ନାଚ, ଗୀତ, ଖେଳ, ଡ୍ରେସ୍ ପିନ୍ଧା, ଦୋଳିଖେଳା ଆଦି ପ୍ରତିଯୋଗୀତା ବି କରିଥିଲୁ । ଆମେ ମଧ ଫୁଲବାଣୀ ଭୁବନେଶ୍ୱର ଆଦି କେତେଆଡେ ଗଲୁଣି ।

ହଁ, ଆଉ ଗୋଟେ କଥା ଜାଣିଛୁ, ଆମ ଝିଅ ମାନଙ୍କର ଋତୁସ୍ରାବ, ସ୍ୱାସ୍ଥ୍ୟ ଆଦିକୁ ନେଇ କେତେ ଚିନ୍ତା ନୁହଁ କହିଲୁ । ହେଲେ ଏହି ଅନନ୍ୟା କାର୍ଯ୍ୟକ୍ରମରେ ଆମେ ସେ ବିଷୟରେ ଅନେକ କଥା ଶିଖିଛୁ । ଆମ ଦଳର ସବୁ ପିଲା ସାନିଟାରୀ ନାପ୍‌କିନ୍ ବ୍ୟବହାର କରିବାକୁ ନିଷ୍ପ□ ବି ନେଇଛୁ । ମାସକୁ ମାସ ଶ୍ରଦ୍ଧା କ୍ଲିନିକ୍‌କୁ ଯାଇ ଆମ ହେଲ୍‌ଥ ଚେକଅପ୍ କରୁଛୁ ।

ତୁ ତ ଜାଣିଥିବୁ, ଗତବର୍ଷ ମୋର ମାଟ୍ରିକରେ ଖରାପ ହୋଇଥିଲା । ଘରେ ଆଉ ପଠାଇବାକୁ ଇଚ୍ଛା କରୁନଥିଲେ କି ମୋର ବି ମନ ନଥିଲା । ହେଲେ ଏ ବର୍ଷ ମୁଁ ପୁଣିଥରେ ପରୀକ୍ଷା ଦେବାକୁ ପଢାପଢି କରୁଛି । ଆମ ଗାଁର ଆଉ କେତେ ପାଠ ଛାଡିଥିବା ଝିଅ ବି ପରୀକ୍ଷା ଦେବେ । ସେମିତି କେତେଜଣ ବଡବଡ ଝିଅ ଦକ୍ଷତା ତାଲିମ୍ ନେଉଛନ୍ତି । ପାଠ ପଢାପରେ ମୁଁ ମଧ କିଛି କାମ କରିବି ବୋଲି ସ୍ଥିର କରିଛି ।

ଆହୁରି କେତେ କେତେ ନୂଆକଥା କହିବାକୁ ଅଛି ଲୋ । ହେଲେ କେତେ ଲେଖିବି କହିଲୁ । ତୁ ଆସିଲେ ମୋ ସାଙ୍ଗରେ କିଛିଦିନ ରହିବୁ ଯେ ସବୁ କଥା ଜାଣିବୁ । ହଉ ରହୁଛି, ଚିଠି ପାଇ ନିଶ୍ଚୟ ଚିଠିଦେବୁ ।

ଇତି ତୋର ଅନ୍ତରଙ୍ଗ ସାଙ୍ଗ ରେଶମା

# ବଣ୍ଡଗୁଡାର ଜୀବନଜ୍ୟୋତି ବାଳିକା ଦଳ



କ.ନୂଆଗାଁ ବ୍ଲକ୍ ବଣ୍ଡଗୁଡା ପଞ୍ଚାୟତର ମୁଖ୍ୟ ଗାଁ ଏହି ବଣ୍ଡଗୁଡା । ଗାଁରେ ଆଦିବାସୀ, ଦଳିତ ଓ ପଛୁଆବର୍ଗର ୩୦୦ରୁ ଅଧିକ ପରିବାର ରହନ୍ତି । ସାରଙ୍ଗଗଡରୁ ମାତ୍ର ଦୁଇକିଲୋମିଟର ଦୂରରେ ରାସ୍ତା କଡରେ ଆବସ୍ଥିତ ଗାଁଟି । ଗାଁରେ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି, ପ□ାୟତ କାର୍ଯ୍ୟାଳୟ ଆଦି ରହିଛି । ପାଖ ସାରଙ୍ଗଗଡରେ ଥାନା, ହାଇସ୍କୁଲ୍ ଓ କଲେଜ ଆଦି ରହିଛି । ତେଣୁ ଶିକ୍ଷା ଓ ସଚେତନତାରେ ଅନ୍ୟ ଆଭ୍ୟନ୍ତରିଣ ଗାଁଗୁଡିକଠାରୁ ଏହି ଗାଁଟି ଟିକେ ଆଗୁଆ । ୨୦୧୭ ମସିହାରେ ସ୍ୱାତୀ ଓ ସେଭ ଦି ଚିଲ୍ଡ୍ରେନ୍ ତରଫରୁ ଏହି ଗାଁରେ ଅନନ୍ୟା କାର୍ଯ୍ୟକ୍ରମ ଆରମ୍ଭ ହେଲା । ଗାଁରେ ଲୋକମାନଙ୍କ ମଧ୍ୟରେ ଟିକେ ଅଧିକ ସଚେତନତା ରହିଥିବାରୁ ଓ ବାଳିକାମାନେ ଶିକ୍ଷାକ୍ଷେତ୍ରରେ ଅନ୍ୟ ଗାଁ ଗୁଡିକଠାରୁ ଟିକେ ଆଗୁଆ ଥିବାରୁ ଏହି କାର୍ଯ୍ୟକ୍ରମକୁ ଶିଘ୍ର ଗ୍ରହଣ କଲେ । ଗାଁର ବାଳିକା ମାନେ ଅନନ୍ୟା କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଶିକ୍ଷଣ ପାଇବାପରେ ଗାଁରେ ବାଳିକା ଦଳ ଟିଏ ଗଢିଲେ । ନାଁ ଦେଲେ ଜୀବନଜ୍ୟୋତି ବାଳିକା ଦଳ । ଦଳରେ ଗାଁର ତିରିଶରୁ ଅଧିକ ବାଳିକା ସଭ୍ୟା ହେଲେ । ଅନନ୍ୟା କାର୍ଯ୍ୟକ୍ରମର ପ□ାୟତ ସଂଯୋଜିକା ସସ୍ମିତା ସେମାନଙ୍କୁ ନୀୟମିତ ବୈଠକ କରାଇବା ସହ ବାଳିକା ମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ବାଲ୍ୟବିବାହ ନିରୋଧ ଆଦି ବିଷୟରେ ବୁଝାଉଥିଲେ । ସ୍ୱାତୀ ଦ୍ୱାରା ହେଉଥିବା ଅନନ୍ୟାର ସମସ୍ତ କାର୍ଯ୍ୟକ୍ରମ ଗୁଡିକରେ ସେମାନଙ୍କର ବହୁଳ ଭାଗୀଦାରି ରହିଥିଲା । କାର୍ଯ୍ୟକ୍ରମ ଗୁଡିକରେ ବାଳିକା ମାନଙ୍କର ଆତ୍ମବିଶ୍ୱାସ ବଢାଇବା. ଶିକ୍ଷା ଓ ଆତ୍ମନିର୍ଭରଶୀଳତା ପାଇଁ ଉତ୍ସାହ ଦେବା, ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟ ଏବଂ ବାଳିକା ସ୍ୱାସ୍ଥ୍ୟ ଆଦି ସମ୍ପର୍କରେ ଶିକ୍ଷା ଦିଆଯାଉଥିବାରୁ ସେମାନେ ଆଗ୍ରହୀ ହୋଇ ଏସବୁଥିରେ ଭାଗ ନେଉଥିଲେ । ବାଳିକା ଦଳର ସଭ୍ୟାମାନେ କେତେକ ହାଇସ୍କୁଲ ସ୍ତରରେ ଓ ଆଉ କେତେକ କଲେଜ ପାଠ ପଢୁଥିଲେ । ସେମାନଙ୍କର ଉଦ୍ୟମ ଓ ଉତ୍ସାହ ଯୋଗୁଁ ଏହି ବାଳିକା ଦଳଟି ପଂଚାୟତ ସ୍ତରରେ ଏକ ଅଗ୍ରଣୀ ବାଳିକା ଦଳ ହୋଇ ପାରିଛି ।

ଦଳର ସଭ୍ୟାମାନେ ଆଗରୁ ଦଳରେ ମିଶି ନଥିବା ବାଳିକା ମାନଙ୍କୁ ବୁଝାଇ ଦଳର ସଂଖ୍ୟାବୃଦ୍ଧି କରିପାରିଛନ୍ତି । ଦଳ ଦ୍ୱାରା ଗାଁରେ ୨ଟି ବାଲ୍ୟ ବିବାହ ବନ୍ଦ କରାଯାଇଛି । ସେହିପରି ଅଧାରୁ ପାଠ ଛାଡିଦେଇଥିବା ୯ ଜଣ ବାଳିକା ପୁଣି ପାଠପଢା ଚାଲୁ କରିଛନ୍ତି । ଦଳର ତିନିଜଣ ସଭ୍ୟା ଏବେ ଦକ୍ଷତା ତାଲିମ୍ ନେଉଛନ୍ତି । ସେମାନେ ଦଳର ଏକ ପାଣ୍ଠି କରିଛନ୍ତି ଏବଂ ନିଜେ କିଛିକିଛି ସଭ୍ୟା ଚାନ୍ଦା ଦେଇ ପାଣ୍ଠି ବଢାଉଛନ୍ତି । ଦଳର ସମସ୍ତ ବାଳିକା ନିଜ ନାଁରେ ସ୍ଥାନୀୟ

ବ୍ୟାଙ୍କରେ ଗୋଟିଏ ଲେଖାଏଁ ଜମାଖାତା ମଧ୍ ଖୋଲିଛନ୍ତି । ଦଳର ସଭାନେତ୍ରୀ ମଧୁସ୍ମିତା କହନ୍ତି ଯେ, ଅନନ୍ୟା କାର୍ଯ୍ୟକ୍ରମରେ ସାମିଲ ହୋଇ ଦଳ ଗଢିବା ପରେ ଗାଁର ବାଳିକାମାନେ ଅନେକ ଶିକ୍ଷା ପାଇପାରିଛନ୍ତି । ଆଗରୁ ଅଚିହ୍ନା ଲୋକ ଦେଖିଲେ ଲାଜ କରୁଥିଲେ ଓ କଥା କହୁନଥିଲେ । ଏବେ କିନ୍ତୁ ଝିଅମାନେ ସବୁ ଅଫିସ୍‌କୁ ନିଜେ ଯିବାକୁ ସାହସ କରିପାରୁଛନ୍ତି । ଦଳର ଝିଅମାନେ ସ୍ଥାନୀୟ ଥାନା, ଡାକ୍ତରଖାନା ଆଦିକୁ ପରିଦର୍ଶନରେ ଯିବାଦ୍ୱାରା ଏହି କାର୍ଯ୍ୟାଳୟ ସଂପର୍କରେ ଜାଣିପାରିଛନ୍ତି । ନିଜ ସ୍ୱାସ୍ଥ୍ୟ ବିଷୟ ବୁଝିବା ପାଇଁ ଶ୍ରଦ୍ଧା କ୍ଲିନିକ୍‌କୁ ଯାଉଛନ୍ତି । ବିଭିନ୍ନ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ବିଡିଓ ଓ ଶିଶୁ ସୁରକ୍ଷା ଅଧିକାରୀ ଆଦିଙ୍କୁ ଭେଟିବାରୁ ସେମାନଙ୍କର ଆତ୍ମବିଶ୍ୱାସ ବଢିଛି ।

ଦଳର ସଭ୍ୟାମାନେ କେବଳ ବାଳିକା ମାନଙ୍କ ସମସ୍ୟା ନୁହେଁ ଗାଁ ପରିମଳ, ସ୍ୱଚ୍ଛ ଭାରତ ଅଭିଯାନ ଆଦିରେ ମଧ୍ ସାମିଲ ହେଉଛନ୍ତି । ସ୍ୱଚ୍ଛ ଭାରତ ଅଭିଯାନରେ ସେମାନଙ୍କ ସାମିଲକୁ ନେଇ ସେମାନେ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଚିଠି ମଧ୍ ଲେଖିଥିଲେ । ସ୍ଥାନୀୟ ଅଙ୍ଗନବାଡି ସହ ଯୋଗସୂତ୍ର ରଖି ବାଳିକା ମାନଙ୍କ ସ୍ୱାସ୍ଥ୍ୟ ଓ ମାତୃ ଓ ଶିଶୁସ୍ୱାସ୍ଥ୍ୟ ବିଷୟରେ ସଚେତନ କରାଉଛନ୍ତି । ବାଳିକା ମାନେ ନାପ୍‌କିନ୍ ପ୍ୟାଡ ବ୍ୟବହାର କରିବା, ସ୍ୱାସ୍ଥ୍ୟ ଗତ ସମସ୍ୟା ଦେଖାଦେଲେ ଦେଶୀ ଚିକିତ୍ସା ନକରି ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ଉପରେ ଗୁରୁତ୍ୱ ଦେଉଛନ୍ତି ।

ଗତବର୍ଷ ଏହି ବାଳିକା ଦଳ ଗାଁରେ ରଜ ଉତ୍ସବ ପାଳନ କରିଥିଲେ । ଏଥିପାଇଁ ପିଠା ତିଆରି, ପୁଚିଖେଳ, ଦଉଡିଡିଆଁ, ଗୀତ ଓ ନାଚ ଇତ୍ୟାଦି ପ୍ରତିଯୋଗୀତା କରିଥିଲେ । ବ୍ଲକ୍ ଅଧକ୍ଷ, ସ୍ଥାନୀୟ ଲୋକପ୍ରତିନିଧି ଏବଂ ସରକାରୀ ପ୍ରତିନିଧି ମାନଙ୍କୁ ଅତିଥି ଭାବେ ନିମନ୍ତ୍ରଣ ଜଣାଇଥିଲେ । ପୁରସ୍କାର ବିତରଣ ସଭା, ବାଳିକା ଦଳ ଦ୍ୱାରା ପ୍ରସ୍ତୁତ ବାଲ୍ୟବିବାହ ନିରୋଧ ସଂପର୍କିତ ନାଟକ ପ୍ରଦର୍ଶି ହୋଇଥିଲା । କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା । ଦଳର ସମ୍ପାଦିକା ସୁନୀତା କହନ୍ତି ଯେ- ଆମ ଗାଁରେ ଆମେ ବାଲ୍ୟ ବିବାହ କରାଇନଦେବା ପାଇଁ ଶପଥ ନେଇଛୁ । ଦଳ ଗଠନ ଯୋଗୁଁ ବାଳିକା ମାନଙ୍କ ଭିତରେ ଏକତା ଓ ସଚେତନତା ବଢିଛି । ବାଳିକା ମାନଙ୍କ ଉପରେ ହେଉଥିବା ସମସ୍ତ ପ୍ରକାର ହିଂସାକୁ ବିରୋଧ କରିବାକୁ ଆମ ମାନଙ୍କ ମନରେ ସାହାସ ଆସିଛି ।



# ଅନ୍ୟଜଣେ ରେବତୀ

ଆମେ ସମସ୍ତେ ଫକୀରମୋହନଙ୍କ ଗଳ୍ପ ରେବତୀର କାହାଣୀ ଶୁଣିଛେ । କାହାଣୀରେ ସେସମୟରେ ଝିଅ ମାନଙ୍କ ପାଠପଢାକୁ ନେଇ କିପରି ଅନ୍ଧବିଶ୍ୱାସ ରହିଥିଲା ତାହା ପ୍ରତିଫଳିତ । ତାର ଜେଜିମା ଭାବୁଥିଲେ ରେବତୀ ପାଠ ପଢିଲା ବୋଲି ହଇଜାରେ ପଡି ତାର ପରିବାର ସମସ୍ତେ ମଲେ, ତାକୁ ପାଠପଢାଉଥିବା ବାସୁ ମାଷ୍ଟ୍ରେ ମଲେ, ନିଜେ ରେବତୀ ବି ମଲା । ଏହିପରି ଅନେକ ଅସଚେତନତା ଭରି ରହିଥିଲା ସମାଜରେ । ତେବେ ପାଠ ପଢିବାକୁ ଆଗ୍ରହୀଥିବା ରେବତୀ ଏହା ବିରୋଧରେ ଥିଲା ଏକ ନୀରବ ପ୍ରତିବାଦର ସୂତ୍ରଧର । କାହାଣୀଟି ଗ୍ରାମୀଣ ସମାଜର ଝିଅମାନଙ୍କ ଶିକ୍ଷା ଦିଗରେ ଏକ ନୂଆ ଦିଗ୍‌ଦର୍ଶନ ଦେଇଥିଲା ।



ସେମିତି ଇଏ ହେଉଛି ଆଉଜଣେ ରେବତୀର କାହାଣୀ । କ.ନୂଆଗାଁ ବ୍ଲକ୍ କୁତୁତୁଲି ପଞ୍ଚାୟତର କୁତୁତୁଲି ଗାଁର ରେବତୀ ବେହେର୍ଦ୍ଦଲେଇ । ନିଜର ବାଲ୍ୟବିବାହ ବନ୍ଦ କରିବା ସହ ସ୍ଥାନୀୟ ଅଂଚଳରେ ବାଲ୍ୟବିବାହ ପ୍ରଥା ରୋକିବା ନିମନ୍ତେ ସେ ନିଜର ପ୍ରଚେଷ୍ଟା ଜାରି ରଖିଛନ୍ତି । କ.ନୂଆଗାଁ ଅଂଚଳରେ ସ୍ଥାନୀୟ ଲୋକମାନେ ସାଧାରଣତଃ ଝିଅଟିଏ ଋତୁମତୀ ହେବାପରେ ତାକୁ ବାହା କରାଇଦେଇଥାନ୍ତି । ଯେହେତୁ ଏହି ଅଂଚଳ ଶିକ୍ଷା କ୍ଷେତ୍ରରେ ପଛୁଆ ଏବଂ ଝିଅ ପିଲାଙ୍କ ଶିକ୍ଷା ଉପରେ ବାପା ମା ବିଶେଷ ଗୁରୁତ୍ୱ ଦେଇନଥାନ୍ତି ତେଣୁ ସେମାନଙ୍କୁ କମ୍ ବୟସରୁ ବିବାହ କରିଦିଆଯାଏ । ତେବେ କମ୍ ବୟସରେ ବିବାହ କରିବା ଓ ଗର୍ଭଧାରଣ କରିବା ଦ୍ୱାରା ଝିଅ ମାନେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାରେ ପଡିଥାନ୍ତି । ସାରା ଜୀବନ ଏଥିପାଇଁ ସେମାନଙ୍କୁ ହନ୍ତସନ୍ତ ହେବାକୁ ପଡିଥାଏ । ସେହିପରି ବିବାହ ପୂର୍ବରୁ ମାନସିକ ଭାବେ ସେମାନେ ଦୃଢ ହୋଇନଥିବାରୁ ପରବର୍ତ୍ତୀ ସମୟରେ ପାରିବାରିକ ପରିଚାଳନାରେ ସକ୍ଷମତା ହାସଲ କରିପାରନ୍ତି ନାହିଁ । ଏହି ବାଲ୍ୟବିବାହ ଯେ ଅଂଚଳର ମହିଳା ମାନଙ୍କ ଉନ୍ନତୀରେ ଏକ ବିରାଟ ପ୍ରତିବନ୍ଧକ ଏବଂ ମହିଳା ମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାର ଏକ ମୂଳ କାରଣ ତାହା କେହି ବିଚାର କରନ୍ତି ନାହିଁ ।

୨୦୧୭ ମସିହାରେ ସ୍ୱାତୀ ଓ ସେଭ ଦି ଚିଲ୍ଡ୍ରେନ ତରଫରୁ ଏହି ଅଂଚଳରେ ବାଲ୍ୟ ବିବାହ ନିରୋଧ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ଗାଁର ବାଳକ ବାଳିକା ମାନଙ୍କୁ ସଂଗଠିତ କରି ସେମାନଙ୍କୁ କିଶୋର ସ୍ୱାସ୍ଥ୍ୟ, ବାଳିକା

ମାନଙ୍କୁ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ, ଆତ୍ମନିଯୁକ୍ତି ଓ ଆତ୍ମନିର୍ଭରଶୀଳତା ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବା ସହ ବାଲ୍ୟ ବିବାହ ବନ୍ଦ ପାଇଁ ବାଳିକା ଦଳ ଗଠନ କରାଗଲା । ତେବେ କୁଡୁତୁଲି ଗାଁରେ ସ୍ୱାତୀର କର୍ମୀ ଗାଁର ବାଳିକା ମାନଙ୍କୁ ସଂଗଠିତ କରିବାକୁ ପ୍ରଚେଷ୍ଟା ଆରମ୍ଭ କଲାବେଳେ ଏଥିପ୍ରତି କେହି ଗୁରୁତ୍ୱ ଦେଲେ ନାହିଁ । ଅଭିଭାବକ ମାନେ ଭାବୁଥିଲେ ଯେ ଝିଅମାନେ ବାହାରକୁ ଟ୍ରେନିଂ ଗଲେ ବା ମିଟିଂ ଆଦିକଲେ ଖରାପ ହୋଇଯିବେ । ତାଛଡା ବାହାଘର ବ୍ୟାପାର ସଂପୂର୍ଣ୍ଣ ଭାବେ କୌଳିକ ଓ ପାରିବାରିକ ମାମଲା, ଏଥିରେ ଅନ୍ୟମାନେ ହସ୍ତକ୍ଷେପ କରି ବିଶୃଙ୍ଖଳା କରିବାକୁ ଚାହାନ୍ତି ବୋଲି ସେମାନଙ୍କ ଧାରଣା ଥିଲା । ସେହିପରି ବାହାଘର କାର୍ଯ୍ୟରେ ଝିଅ ଯଦି ବାପା ମାଆଙ୍କୁ ଅମାନ୍ୟ କରେ ବା ପ୍ରଶ୍ନ କରେ ତାହେଲେ ମର୍ଯ୍ୟଦା ହାନୀହେବ । ତେଣୁ ଏହି କାର୍ଯ୍ୟକ୍ରମର ନାଁ ଶୁଣିଶୁଣୁ ସେମାନେ ଝିଅ ମାନଙ୍କୁ ଏସବୁଥିରେ ମିଶିବା ପାଇଁ ଆକଟ କଲେ ।




ରେବତୀ ମେଟ୍ରିକ ପାଠପଢା ପରେ ଘରେ ରହିଥିଲେ । ବାପା ମାଆ ମଧ୍ୟ ତାଙ୍କର ବାହାଘର ପାଇଁ ନିଷ୍ପ□ନେଇ ସାରିଥିଲେ । ଏହି ସମୟକୁ ସ୍ୱାତୀର କର୍ମୀ ଦିଦିଙ୍କ ସହ ସାକ୍ଷାତ ହେଲା ତାଙ୍କର । ତାଙ୍କ ସହ ବାଳିକା ମାନଙ୍କ ଶିକ୍ଷା ଓ ବିକାଶ ଆଦି ବିଷୟରେ କଥାହେଲେ । ସ୍ୱାତୀ କର୍ମୀ ତାଙ୍କୁ ଅନନ୍ୟାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ କହିଲେ । ବାପା ମାଆଙ୍କୁ ବୁଝାଇ ସେ ସ୍ୱାତୀର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେଲେ । ସେଠାରେ ପାଂଚ ଦିନ ତାଲିମ ନେଲେ । ବାଳିକା ମାନଙ୍କର ବିଭିନ୍ନ ସମସ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା, ଆତ୍ମନିଯୁକ୍ତି, ବାଲ୍ୟ ବିବାହ ଓ ତାର କୁପ୍ରଭାବ ଆଦି ବିଷୟରେ ବହୁତ କଥା ଜାଣିଲେ । ଏହା ତାଙ୍କ ମନକୁ ବହୁତ ପ୍ରଭାବିତ କଲା । ସେତେବେଳକୁ ତାଙ୍କୁ ମାତ୍ର ୧୬ ବର୍ଷ ହୋଇଥିଲା ଏବଂ ୧୮ ବର୍ଷ ପୂର୍ବରୁ ଝିଅମାନେ ବିବାହ କରିବା ଅନୁଚିତ ବୋଲି ସେ ଜାଣିଲେ । ତେଣୁ ପ୍ରଥମେ ନିଜ ବାହାଘର ବନ୍ଦ କରିବାକୁ ସେ ମନେ ମନେ ନିଷ୍ପତି ନେଲେ ।

ଗାଁକୁ ଫେରିବା ପରେ ସେ ଅନ୍ୟ ସାଙ୍ଗ ମାନଙ୍କୁ ଅନନ୍ୟା କାର୍ଯ୍ୟକ୍ରମ ବିଷୟରେ ଜଣାଇଲେ । ସେହିପରି ସେମାନେ ବାଳିକା ଦଳ ଗଢିଲେ କିପରି ବିଭିନ୍ନ ବିଷୟରେ ଶିଖିପାରିବେ, ବିଭିନ୍ନ ସ୍ଥାନକୁ ଯାଇପାରିବେ, ନିଜର ବିକାଶ କରିପାରିବେ ତାହା ବୁଝାଇଲେ । ସେମାନଙ୍କୁ ନେଇ ଏକ ବାଳିକା ଦଳ ଗଢିଲେ । ସ୍ୱାତୀର କର୍ମୀ ସେମାନଙ୍କୁ ବୈଠକ କରାଇ ଅନନ୍ୟା କାର୍ଯ୍ୟକ୍ରମ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏବଂ ବାଲ୍ୟ ବିବାହ ଦ୍ୱାରା ଝିଅ ମାନେ କେଉଁପରି ଅସୁବିଧା

ଭୋଗୁଛନ୍ତି ତାହା ବୁଝାଇଲେ । ବିବାହ ବୟସ ପୂର୍ବରୁ ବିବାହ ନକରିବା, ଅଧାରୁ ପାଠ ଛାଡିଥିବା ଝିଅମାନେ ପୁଣି ପାଠ ପଢିବା, ଝିଅମାନେ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପ୍ରଶିକ୍ଷଣ ନେବା, ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟ କରି ଆତ୍ମନିର୍ଭରଶୀଳ ହେବା ବିଷୟରେ ପ୍ରେରଣା ଦେଲେ ।

ରେବତୀଙ୍କ ଉଦ୍ୟମରେ ବାଳିକା ଦଳଟି ବେଶ୍ ଶୃଙ୍ଖଳିତ ଭାବେ ଚାଲିଲା । ସେମାନେ ଗାଁରେ ବାଲ୍ୟ ବିବାହ ରୋକିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କଲେ । କମ୍ ବୟସରେ ଯେଉଁମାନଙ୍କ ବାହାଘର ଠିକ୍ ହୋଇଥିଲା ତାହା ବନ୍ଦ କରିବାକୁ ପଦକ୍ଷେପ ନେଲେ । ସେମାନଙ୍କୁ ବିଭିନ୍ନ ନିଯୁକ୍ତି ଭିତିକ ତାଲିମ ଦିଆଗଲା । ଅଧାରୁ ପାଠ ଛାଡିଥିବା ଝିଅମାନେ ପୁଣି ପଢା ଆରମ୍ଭ କଲେ । ବାଳିକା ଦଳ ଗାଁରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ, ଗାଁ ସଫେଇ, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ମାନ କଲେ । ଏହା ଦେଖି ଗାଁ ଲୋକମାନଙ୍କ ମନରେ ଥିବା ଭୁଲ ଧାରଣା ଦୂର ହେଲା ।

ଏବେ ରେବତୀ ବ୍ଲକ୍‌ସ୍ତରୀୟ ବାଳିକା ମହାସଂଘର ଜଣେ ସଭ୍ୟା ଅଛନ୍ତି ଏବଂ ବିଭିନ୍ନ ଜିଲ୍ଲା ଓ ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେଇ ବାଳିକା ବିବାହ ବନ୍ଦ ସଂପର୍କରେ ନିଜର ଅନୁଭୂତି ଉପସ୍ଥାପନ କରୁଛନ୍ତି । ସେମାନଙ୍କର ଉଦ୍ୟମକୁ ଜିଲ୍ଲା ଓ ରାଜ୍ୟସ୍ତରରେ ବହୁ ପ୍ରଶଂସା ମିଳିବା ସହ ଟିଭି ଓ ଖବରକାଗଜ ଆଦିରେ ସେମାନଙ୍କ ଖବର ପ୍ରକାଶିତ ହେଉଛି । ଏସବୁକୁ ଦେଖି ଗାଁ ଲୋକମାନେ ଏବେ ରେବତୀଙ୍କୁ ବାହାବା ଦେଉଛନ୍ତି ।

# ମୁଁ ଏବେ ସମର୍ଥା




ମୋ ନାଁ ପୁଷ୍ପାଞ୍ଜଳୀ ପ୍ରଧାନ, କନ୍ଧମାଳ ଜିଲ୍ଲା ଚାଂଚେଡି ପଂଚାୟତ ଅଡୁସଲାଙ୍ଗିଆ ଗାଁରେ ଆମ ଘର । ବଣ ପାହାଡଘେରା ମୂଲକ ଆମର । ଏବେ ଦେଶ ଦୁନିଆରେ କେତେ କଣ ଉନ୍ନତୀ ହେବାବେଳେ ଆମ ଅଂଚଳ କିନ୍ତୁ ବହୁତ ପଛରେ । ଲୋକମାନଙ୍କ ଭିତରେ ଅଭାବ ଓ ଦାରିଦ୍ର୍ୟ ବହୁତ । ଶିକ୍ଷା ଓ ସ୍ୱାସ୍ଥ୍ୟସେବାରେ ମଧ ଅବହେଳିତ । ସଚେତନତା ଅଭାବରୁ ଆମ ଗାଁ ଗହଳରେ ଅନେକ କୁସଂସ୍କାର ରହିଛି । ଆମ ଲୋକମାନଙ୍କର ଅସଚେତନତାର ସୁଯୋଗ ନେଇ ବେପାରୀ, ମହାଜନ, ସରକାରୀ କର୍ମଚାରୀ ନାନା ବାଟରେ ଶୋଷଣ କରିଥାନ୍ତି । ରୋଜଗାରର ସୁଯୋଗ ନଥିବାରୁ ପିଲାମାନେ ଭୁବନେଶ୍ୱର, ବମ୍ବେ, କର୍ଣ୍ଣାଟକ ଆଦି ସ୍ଥାନକୁ କାମ ଖୋଜି ଚାଲି ଯାଆନ୍ତି । କିଛି ବର୍ଷହେବ ଦଲାଲ ମାନଙ୍କର ପ୍ରଲୋଭନରେ ଝିଅମାନେ ମଧ ସହରାଞ୍ଚଳକୁ କାମକରି ଯିବା ଆରମ୍ଭ

କଲେଣି । ତେବେ ଗାଁ ଗହଳରେ ବଢ଼ିଥିବା ସେହିସବୁ ସରଳ ଝିଅମାନେ ସେଠାରେ ନିର୍ଯ୍ୟାତନା ଓ ଶୋଷଣର ଶିକାର ହୁଅନ୍ତି ।




ବର୍ତ୍ତମାନ ସମୟରେ ତ ଝିଅଟିଏ ସବୁଆଡେ ନିଜକୁ ଅସୁରକ୍ଷିତ ମନେକରୁଛି । ବାଲ୍ୟ ବିବାହ, ଝିଅ ମାନଙ୍କୁ ଉଚ୍ଚଶିକ୍ଷା ଦେବାକୁ ପସନ୍ଦ ନକରିବା ଆଦି ଆମ ଚଳଣୀ ପରମ୍ପରାର କେତେକ ଖରାପ ବ୍ୟବସ୍ଥା ଝିଅମାନଙ୍କ ଉନ୍ନତୀରେ ପ୍ରତିବନ୍ଧକ ହଉଥିବାବେଳେ ଆଧୁନିକ ଚଳଣିରେ ଝିଅମାନଙ୍କୁ ଯୌନ ନିର୍ଯ୍ୟାତନା, ଯୌନ ଶୋଷଣ, ବଳାତ୍କାର, ହିଂସା ଆଦି ବଢ଼ିବାରେ ଲାଗିଛି । ତେଣୁ ଏକ୍ଷେତ୍ରରେ ଝିଅଟିଏ ଯଦି ନିଜ ଅଧିକାର ସଂପର୍କରେ, ଝିଅମାନଙ୍କ ସୁରକ୍ଷା ପାଇଁ ଥିବା ବ୍ୟବସ୍ଥା ସଂପର୍କରେ ଏବଂ ସାଧାରଣ ଆଇନକାନୁନ ସଂପର୍କରେ ନଜାଣିବ ତାହେଲେ ବିପଦ ଗୁଡ଼ିକୁ ଆଦୌ ସାମନା କରିପାରିବ ନାହିଁ । କିନ୍ତୁ ଝିଅମାନଙ୍କୁ ସେସବୁଥିରେ ସକ୍ଷମ ଓ ସମର୍ଥ କରିବା ପାଇଁ ଆମ ଗାଁ ଗହଳରେ ବ୍ୟବସ୍ଥା କାହିଁ ? ଜଣେ ଝିଅ ନିଜ ଅଧିକାର ବିଷୟରେ ସବୁଜାଣି ନିଜକୁ ଆତ୍ମବିଶ୍ୱାସୀ ଓ ସାହାସୀ ଭାବିବା ପାଇଁ ଯେଉଁ ଶିକ୍ଷା ସଚେତନତା ଓ ସାଂଗଠନିକ ଦୃଢ଼ତା ଦରକାର ତାହା କଣ ଝିଅଟିଏ ପାଇ ପାରୁଛି ? ସେସବୁ ନଥିବା ଯୋଗୁଁ ହିଁ ତ କମ୍ ବୟସରେ ବାହାଘର କରିଦେଲେ ମଧ୍ୟ ଝିଅଟିଏ ଚୁପ୍ ରହୁଛି, ତାକୁ କେହି ଶୋଷଣ କଲେ ବା ନିର୍ଯ୍ୟାତନା ଦେଲେ ମୁହଁପୋତି ସହି ନେଉଛି, ନିଜକୁ ସବୁଠି ଅସୁରକ୍ଷିତ ଭାବି ଭୟରେ ଜୀବନ କାଟୁଛି

ତେବେ ଆମ ଅଂଚଳରେ ଚାଲିଥିବା ଅନନ୍ୟା କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଁ ଓ ମୋପରି ଅନେକ ବାଳିକା ସଚେତନ ହୋଇପାରିଛୁ । ତାଲିମ ଓ ପ୍ରଶିକ୍ଷଣ ନେଇ ଆମେ ବାଳିକା ମାନଙ୍କର ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ବ୍ୟବସ୍ଥା, ନାରୀ ଅଧିକାର, ଶିଶୁ ଅଧିକାର ଏବଂ ବିଭିନ୍ନ ଆଇନ ବିଷୟରେ ଜାଣିପାରିଛୁ । ବାଳିକା ସ୍ୱାସ୍ଥ୍ୟ, ପ୍ରଜନନ ଶିଶୁ ସ୍ୱାସ୍ଥ୍ୟ ବିଷୟରେ ଜାଣିପାରିଛୁ । ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ଥାନା ଓ କୋର୍ଟ ଆଦି ବିଷୟରେ ଜ୍ଞାନ ପାଇଛୁ । କେବଳ ପାଠ ବହିରେ ପଢ଼ିବା ପରି ଏହା ଆମେ ଶିଖିନାହୁଁ , ଆମର ଦୈନନ୍ଦିନ ଜୀବନରେ କାମରେ ମଧ୍ୟ ଲଗାଇବା ଆରମ୍ଭ କରିଛୁ ।



୧୮ ବର୍ଷ ହେବା ପୂର୍ବରୁ ଆମେ ଝିଅମାନେ ବାହା ହେବୁ ନାହିଁ କିମ୍ବା ୨୧ ବର୍ଷରୁ କମ୍ ବୟସର ପୁଅକୁ ବିବାହ କରିବୁ ନାହିଁ ବୋଲି ଆମେ ନିଷ୍□ ନେଇଛୁ । ଆମ ଗାଁରେ ଜଣେଝିଅକୁ ୧୬ ବର୍ଷ ବୟସରେ ବାହାଘର କରି ଦିଆଯାଉଥିଲା । ଆମେ ବାଳିକା ଦଳର ଝିଅମାନେ ତାହା ବିରୋଧ କଲୁ । ସେମାନେ ଆମ କଥା ନମାନିବାରୁ ୧୦୯୮ ମହିଳା ଓ ଶିଶୁ ସୁରକ୍ଷା ଡେସ୍କକୁ ଜଣାଇଦେଲୁ । ସେମାନେ ଆସି ବାହାଘର ବନ୍ଦ କଲେ । ସେମିତି ଗାଁରେ ଜଣେ ଗର୍ଭବତୀ ମହିଳା ପ୍ରସବ କଷ୍ଟ ପାଉଥିଲେ, ତାର ସ୍ୱାମୀ ଘରେ ନଥିଲେ । ଆମେ ତୁରନ୍ତ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରି ଜଣାଇଲୁ । କିଛି ସମୟପରେ ଆମ୍ବୁଲାନ୍ସ ପହ□ତାକୁ ଡାକ୍ତରଖାନାକୁ ନେଲା । ରାସ୍ତାରେ ଯାଉଥିବାବେଳେ ବା ଅନ୍ୟ ସମୟରେ ପୁଲିସର ସହାୟତା ପାଇଁ ୧୦୦ କୁ ଫୋନ୍ କରି ଜଣାଇବା, ଅଗ୍ନିକାଣ୍ଡ ଘଟିଲେ ୧୦୧ ଦମକଳ କାର୍ଯ୍ୟାଳୟକୁ ଜଣାଇବା ଆଦି ସଂପର୍କରେ ଜାଣିଛୁ । ସେହିପରି ବାହାରକୁ କାମକରିଯିବା ପୂର୍ବରୁ ସ୍ଥାନୀୟ ପ□ାୟତରେ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ନାଁ ପଞ୍ଜିକରଣ କରିଯିବା ଆବଶ୍ୟକ । ଏସବୁ ଜାଣିବା ଦ୍ୱାରା ଆମର ଆତ୍ମବିଶ୍ୱାସ ବଢ଼ିଛି । ସେହିପରି ଗାଁରେ ବାଳିକା ଦଳ କରିବା ଦ୍ୱାରା ଆମର ମନୋବଳ ଓ ସାହାସ ବଢ଼ିଛି । ବାଳିକାଦଳ ମାଧମରେ ଆମେ ଜିଲ୍ଲାପାଳ, ପୋଲିସ ସୁପରିଟେଣ୍ଡ, ମହିଳା କମିଶନ ଆଦିଙ୍କ କାର୍ଯ୍ୟାଳୟ ବୁଲି ସେଠାରେ କିପରି ଆପତି ଅଭିଯୋଗ କରିବାକୁ ହୁଏ ତାହା ଜାଣିଛୁ ।

ସେହିପରି ପାଠରେ ଫେଲ୍ ହୋଇଗଲେ ବା ଅଧାରୁ ପାଠପଢ଼ା ଛାଡିଦେଲେ ଆମେମାନେ ହତାଶ ହୋଇପଡୁଥିଲୁ । ଝିଅମାନଙ୍କ ପାଇଁ କଣ ସବୁ ଆତ୍ମନିଯୁକ୍ତି ବ୍ୟବସ୍ଥା ବା କୌଶଳ ଅଛି ତାହା ଜାଣିବା ସମ୍ଭବ ହେଉନଥିଲା । ତେବେ ଅନନ୍ୟାର ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପରେ ବିଭିନ୍ନ ବୃ□ମୂଳକ କାର୍ଯ୍ୟକ୍ରମ, ସରକାରୀ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିଲୁ । ନିଜକିଛି ବୃ□ଗତ କାର୍ଯ୍ୟକରିବାକୁ ଆମ ମନରେ ସାହାସ ଆସିଲା ।

ମୁଁ ଏବେ ନିଜକୁ ବେଶ୍ ସଚେତନ ଓ ସମର୍ଥ ମନେ କରୁଛି । ମୋ ମତରେ ବର୍ତମାନ ସମୟରେ ଝିଅମାନେ ଆଗକୁ ବଢ଼ିବାକୁ ହେଲେ ଏସବୁ ବିଷୟ ନିହାତି ଜାଣିବା ଆବଶ୍ୟକ । ଜାଣିଲେ ହିଁ ଜିଣିବା – ମୁଁ ଜାଣିଛି, ତେଣୁ କେବେହେଲେ ହାର ମାନିବି ନାହିଁ ।

# ଚାଂଚେଡି ଅଂଚଳର ବାଳିକା ମାନଙ୍କ ପ୍ରେରଣାର ଉତ୍ସ ବୀଣାପାଣି ଦିଦି



ଚାଂଚେଡି ଅଂଚଳର ବାଳିକା ମାନଙ୍କ ଭିତରେ ବେଶ୍ ପରିଚିତ ବୀଣାପାଣି ଦିଦି । ଅଂଚଳରେ ସ୍ୱାତୀ ଓ ସେଭ୍ ଦି ଚିଲ୍ଡ୍ରେନ ଦ୍ୱାରା ଚାଲିଥିବା ଅନନ୍ୟା କାର୍ଯ୍ୟକ୍ରମର ସଂଯୋଜିକା ସେ । ସ୍ଥାନୀୟ ଅଂଚଳର ଝିଅ ଓ ବୋହୂ ହିସାବରେ ବାଳିକା ମାନଙ୍କର ସମସ୍ୟା ଓ ପରିସ୍ଥିତି ସହ ବେଶ୍ ଘନିଷ୍ଠଭାବେ ସେ ସଂଶ୍ଳିଷ୍ଟ । ତାଙ୍କ ଜୀବନ ଅନୁଭୂତିକୁ ନେଇ ସେ ବାଳିକା ମାନଙ୍କୁ ନିଜ ଜୀବନ ଓ ଭବିଷ୍ୟତ ଗଢିବା ପାଇଁ ପ୍ରେରଣା ଦେଇ ଆସୁଥିବାରୁ ଝିଅ ମାନେ ତାଙ୍କ ଦ୍ୱାରା ପ୍ରଭାବିତ ହୋଇଥାନ୍ତି ।

୩୨ ବର୍ଷ ବୟସ୍କା ବୀଣାପାଣି ଦିଦିଙ୍କ ଶାଶୁଘର କ.ନୂଆ ଗାଁ ବ୍ଲକ୍ ଚାଂଚେଡି ଗାଁ ହୋଇଥିବାବେଳେ ମାଆ ଘର ଗାଁ ହେଉଛି ପାବୁରିଆ ନିକଟସ୍ଥ ମାଲେରିମାହା । ପିଲା ଦିନରୁ ଅନେକ ଅଭାବ ଅସୁବିଧାରେ ବଢିଛନ୍ତି ସେ । ଘରର ବଡ ଝିଅ ହିସାବରେ ଅଧିକ ପାଠ ପଢି ନିଜେ ରୋଜଗାରକ୍ଷମ ହେବା ସହ ପରିବାରକୁ ସାହାଯ୍ୟ କରିବା ଏବଂ ଛୋଟ ଭାଇଭଉଣୀଙ୍କୁ ସହାୟତା କରିବାକୁ ବହୁତ ଇଚ୍ଛାଥିଲା ତାଙ୍କର । ହେଲେ ଅଧାପାଠପଢାରୁ ବାପା ମାଆ ତାଙ୍କୁ ବାହା କରାଇଦେଲେ । ଏତେ କମ୍ ବୟସରୁ ବାହା ନହେବାକୁ ସେ ଅଡି ବସିଥିଲେ ମଧ କେହି ତାଙ୍କ କଥାକୁ ଗୁରୁତ୍ୱ ଦେଇନଥିଲେ । ଏଥିପାଇଁ ମନରେ ବହୁତ ରାଗ ଓ ଦୁଃଖ ଆସିଲେ ମଧ ପରିବାରର ଖୁସି ପାଇଁ ସବୁ ମୁଣ୍ଡପାତି ସହିନେଲେ । ତେବେ ନିଜ ଭିତରେ ଆଗକୁ ବଢିବା ଓ ଆତ୍ମନିର୍ଭରଶୀଳ ହେବା ପାଇଁ ଥିବା ଇଚ୍ଛା ତାଙ୍କୁ ଅହରହ ବ୍ୟତିବ୍ୟସ୍ତ କରୁଥିଲା ।

ଶାଶୁଘର ଚଳଣି ମଧ ବିଶେଷ ସଚ୍ଛଳ ନଥିଲା । ଚାଷକାମରୁ ହିଁ ପରିବାର ଚଳୁଥିଲା । ସ୍ୱାମୀ ତାଙ୍କ ମନୋଭାବକୁ ବେଶ୍ ଗୁରୁତ୍ୱ ଦେଉଥିଲେ । ତେବେ ଅଧିକ ପାଠ ପଢିନଥିବାରୁ କିମ୍ବା କୌଣସି ବୈଷୟିକ ଦକ୍ଷତା ନଥିବାରୁ କେଉଁ ଉପାୟରେ ଅଧିକ ରୋଜଗାର କରି ନିଜ ପରିବାରର ଅବସ୍ଥା ସୁଧାରିବେ ସେଥିପାଇଁ ଚିନ୍ତା କରୁଥିଲେ । ଏହି ସମୟରେ ତାଙ୍କର ଏକ ପିଲା ଜନ୍ମ ହେଲା । ତେଣୁ ରୋଜଗାର ଚିନ୍ତା ବେଶୀ ବଢିଲା । ନିଜେ କିଛି ରୋଜଗାର କରିବା ପାଇଁ ସ୍ଥାନୀୟ ଏକ ମାଇକ୍ରୋଫାଇନାନ୍ସରେ କାମ କରିବାକୁ ଆବେଦନ କଲେ । କିନ୍ତୁ ସେମାନେ ଛୋଟ ଛୁଆର ମା ହୋଇଥିବାରୁ ଏବଂ ଗାଁ ଗାଁରେ ବୁଲି ପଇସା କଲେକ୍ସନ କରିବା ସମ୍ଭବ ହେବନାହିଁ କହି ମନା କରିଦେଲେ ।

ଏହାପରେ ସେ ନିଜେ ଦୋକାନଟିଏ ଦେବାକୁ ଚେଷ୍ଟା କଲେ । କିଛି ପଇସା କରଜ କରି ଗାଁରେ ଦୋକାନଟିଏ ଖୋଲିଲେ । ତେବେ ଗାଁ ଗହଳର ଦୋକାନରେ ବିଶେଷ ବିକ୍ରିବଟା ହେଉନଥିଲା ।



ଏହି ସମୟକୁ ସେ ସ୍ୱାତୀ ସଂସ୍ପର୍ଶରେ ଆସିଲେ । ସ୍ଥାନୀୟ ଅଂଚଳରେ ସ୍ୱାତୀ ଦ୍ୱାରା ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ସେଥିରେ ଜଣେ ସହାୟିକା ଭାବରେ ସେ କାମକଲେ । ତେବେ ଏହି କାମ ତାଙ୍କ ପାଇଁ ସେତେ ସହଜ ନଥିଲା । ଛୋଟ ପିଲାର ଦାୟିତ୍ୱ, ଘରର ଦାୟିତ୍ୱ ସାଙ୍ଗକୁ ସଂସ୍ଥାର କାମ ତୁଲାଇବାକୁ ତାଙ୍କୁ ବହୁତ କଷ୍ଟ ସ୍ୱିକାର କରିବାକୁ ପଡୁଥିଲା । ବିଭିନ୍ନ ଗାଁ କୁ ଯାଇ ବୈଠକ କରିବା, ଲୋକ ମାନଙ୍କୁ ବୁଝାଇବା, ମହିଳା ମାନଙ୍କର ସଂଗଠନ କରିବା, ତାଲିମ ପ୍ରଶିକ୍ଷଣ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାରେ ତାଙ୍କୁ ସବୁ ସମୟ ବ୍ୟସ୍ତ ରହିବାକୁ ପଡୁଥିଲା । କେବେକେବେ ଖାଇବାପିଇବା ଭୁଲି ଗାଁଗାଁ ବୁଲିବାକୁ ପଡୁଥିଲା ତ ଆଉ କେବେ ଘରକୁ ଫେରିବା ବେଳକୁ ରାତି ୧୦ଟା ହୋଇଯାଇଥିଲା । ଘରେ ଛୋଟ ଛୁଆ, ତାପରେ ପୁଣି ରୋଷେଇ ଆଦି ଘରର ଯାବତୀୟ ଧନ୍ଦା । ତେଣୁ ବହୁତ ସମୟରେ ଘରଲୋକଙ୍କ ଠାରୁ ଗାଳି ଶୁଣିବାକୁ ପଡୁଥିଲା ଏବଂ କାମ ଛାଡିଦେବାକୁ ଚାପ ପଡୁଥିଲା । କିନ୍ତୁ ନିଜ ଭିତରେ ସେ ଥିଲେ ବେଶ୍ ଦୃଢମନା । ସବୁ କଷ୍ଟ ଓ ଅସୁବିଧାକୁ ସାମ୍ନା କରିବାକୁ ସେ ମନେ ମନେ ନିଷ୍ପ□ନେଇଥିଲେ । ସ୍ୱାତୀର କାର୍ଯ୍ୟକ୍ରମ ଜୀବନକୁ ଏକ ଭିନ୍ନ ରୂପରେ ଦେଖିବାକୁ ତାଙ୍କୁ ଶିଖାଇଥିଲା । ଜୀବନରେ କୌଣସି ସଫଳତା ଆପେଆପେ ଆସେ ନାହିଁ ତାହା ହାସଲ କରିବାକୁ ପଡେ, ଆଉ ଏଥିପାଇଁ ନିଜେ ହିଁ ଉଦ୍ୟମ କରିବା ଆବଶ୍ୟକ – ଏକଥା ସେ ହୃଦୟଙ୍ଗମ କଲେ । ତାଛଡା ସ୍ୱାତୀର କାର୍ଯ୍ୟକ୍ରମ ତାଙ୍କୁ ତାଙ୍କ ଭିତରେ ଥିବା ଗୁଣ ଗୁଡିକର ବିକାଶ ପାଇଁ ସୁଯୋଗ ସୃଷ୍ଟିକଲା ଏବଂ ତାଙ୍କର ଲୋକ ସଂପର୍କ ମଧ ବଢିଲା ।

ଅଂଚଳରେ ତାଙ୍କ ଲୋକପ୍ରିୟତା ଦେଖି ସ୍ଥାନୀୟ ଲୋକମାନେ ତାଙ୍କୁ ସରପ□ହିସାବରେ ନିର୍ବାଚନ ଲଢିବାକୁ ଜିଦ୍ କଲେ । ତେବେ ରାଜନୀତି ପ୍ରତି ନିଜର ଇଛା ନଥିବାର ଦର୍ଶାଇ ସେମାନଙ୍କୁ ମନାକଲେ ମଧ ସେମାନେ ବାଧ କରିବାରୁ ସରପ□ନିର୍ବାଚନରେ ଲଢିଲେ ଏବଂ ଜିତିଲେ । ଏକ ସେବା ସଂସ୍ଥାରେ କାର୍ଯ୍ୟକରିଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଏବଂ ପଂଚାୟତି ରାଜ ସଂପର୍କରେ ତାଙ୍କର ବେଶ୍ ଧାରଣା ଥିଲା । ଏହା ତାଙ୍କର କାର୍ଯ୍ୟଶୈଳୀକୁ ବେଶ୍ ସୁଗମ କଲା । କିନ୍ତୁ ଏଥିରେ ରହିଥିବା ଦୁର୍ନିତି ଓ ଲାଂଚ ଆଦି କାରବାର ତାଙ୍କୁ ଆଦୌ ସୁହାଇଲା ନାହିଁ । ସେ ଯେତେବେଳେ ସେସବୁର ବିରୋଧ କଲେ ତାଙ୍କୁ ଅପଦସ୍ତ ହେବାକୁ ପଡିଲା । ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ସେଥିରେ ସଂପୃକ୍ତ ଥିବାରୁ ତାଙ୍କୁ କାମରେ ସହଯୋଗ କଲେ ନାହିଁ । ଗାଉଁଲି ଟାଉଟର ଏବଂ ଦଲାଲ ମାନେ ଯେଉଁମାନେ ପ□ାୟତର ବିଭିନ୍ନ କାର୍ଯ୍ୟକ୍ରମରୁ ଲାଭ ଉଠାଉଥିଲେ ସେମାନେ ତାଙ୍କର ବଦନାମ କଲେ । ତେଣୁ ଏହି

ବ୍ୟବସ୍ଥା ଯେ ଲୋକଙ୍କର ଠିକ୍ ବିକାଶ କରିପାରିବ ନାହିଁ କିମ୍ବା ଏଥିରୁ ଗରୀବ ଲୋକମାନେ ସୁଫଳ ପାଇ ପାରିବେ ନାହିଁ ବୋଲି ତାଙ୍କର ହୃଦ୍‌ବୋଧ ହେଲା । ତେଣୁ ଦଳୀୟ ଓ ଗ୍ରାମୀଣ ରାଜନୀତିରେ ନ ରହିବାପାଇଁ ସେ ନିଷ୍ପତି ନେଲେ ।

ସେ ପୁଣିଥରେ ସ୍ୱାତୀରେ ଯୋଗଦେଲେ । ସ୍ୱାତୀ ଦ୍ୱାରା ଚାଲୁଥିବା ଅନନ୍ୟା କାର୍ଯ୍ୟକ୍ରମରେ ବାଳିକା ଓ ମହିଳା ମାନଙ୍କର ବିକାଶ ଓ ବାଲ୍ୟବିବାହ ନିରୋଧ କାର୍ଯ୍ୟକ୍ରମରେ ନିଜ ପଞ୍ଚାୟତରେ ଏବେ ସେ କାର୍ଯ୍ୟ କରୁଛନ୍ତି । ଗାଁ ଗୁଡିକରେ ବାଳିକା ମାନଙ୍କର ସଂଗଠନ ତିଆରି କରିବା, ସେମାନଙ୍କୁ ନିଜ ଅଧିକାର ଓ ବାଲ୍ୟବିବାହ ନିରୋଧ ସଂପର୍କରେ ପ୍ରଶିକ୍ଷଣ ଦେବା, ସେମାନଙ୍କୁ ସ୍ୱାସ୍ଥ୍ୟ ଓ ଆତ୍ମନିର୍ଭରଶୀଳତା ସଂପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରେରଣା ଦେବା ଆଦି କାର୍ଯ୍ୟକଲେ । ବାଳିକା ମାନଙ୍କୁ ସେ ନିଜ ସଂଘର୍ଷମୟ ଜୀବନ କାହାଣୀ କହି ଉଦ୍‌ବୁଦ୍ଧ କରିଥାନ୍ତି । ପରିସ୍ଥିତି ପାଖରେ ହାର ମାନିନଯାଇ ଲଢି ଶୀଖିଲେ ହିଁ ଉନ୍ନତୀର ରାସ୍ତା ଦେଖାଦିଏ ବୋଲି ବୁଝାଇଥାନ୍ତି । ତାଙ୍କର ପ୍ରେରଣାରେ ଏହି ଅଂଚଳରେ ଏବେ ୨୫ଟି ବାଳିକା ଦଳ ଗଢିଉଠିଛି । ସେ ବାଳିକାଦଳ ଗୁଡିକ ସାହାଯ୍ୟରେ ୩୦ରୁ ଅଧିକ ବାଲ୍ୟ ବିବାହ ରୋକିବା ସହ ଅନେକ ଅଧାରୁ ପାଠଛାଡିଥିବା ଝିଅଙ୍କୁ ପୁଣି ପାଠପଢିବା ପାଇଁ ଉତ୍ସାହିତ କରିଛନ୍ତି । ସେହିପରି ତାଙ୍କ ସହାୟତାରେ ଅନେକ ଝିଅ ବିଭିନ୍ନ ବୃତିଗତ ତାଲିମ ହାସ କରି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ।

ତାଙ୍କ ମତରେ ଆମେ ନିଜେ ପରିବର୍ତନ ହେଲେ ସମାଜ ପରିବର୍ତନ ହେବ । ଏଥିପାଇଁ ଦୃଢ ଇଚ୍ଛାଶକ୍ତି ଆବଶ୍ୟକ । ଝିଅମାନେ ନିଜର ଇଚ୍ଛାଶକ୍ତି ବଳରେ ହିଁ ନିଜର ବିକାଶ କରିପାରିବେ – ଏହା ସେ ନିଜ ଅନୁଭୂତିରୁ ଶିଖିପାରିଛନ୍ତି ।



# ପ୍ରଜନନ ଓ ଶିଶୁସ୍ୱାସ୍ଥ୍ୟର ଧାରଣା ପାଇଲେ ପ୍ରିୟଙ୍କା



ଝିଅଟିଏ କିଶୋରୀ ବୟସରେ ପାଦଦେଲେ ତାର ଅନେକ ଶାରିରୀକ ପରିବର୍ତ୍ତନ ହୋଇଥାଏ । ତାର ପ୍ରଥମ ଋତୁସ୍ରାବ ହୋଇଥାଏ । ଏହାର ଅନେକ ସ୍ୱାସ୍ଥ୍ୟଗତ ଓ ମାନସିକ ପ୍ରଭାବ ମଧ୍ୟ ତାକୁ ଅନୁଭୂତ ହୁଏ । ସେହିପରି ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ ଗର୍ଭାଶୟ ଆଦିରେ ପରିବର୍ତ୍ତନ ହୋଇଥାଏ । ସେ କିଶୋରୀରୁ ନାରୀଟିଏ ପାଲଟେ । ବିବାହ କରିବା ପରେ ସନ୍ତାନ ଜନ୍ମ କରେ । ତାର ଗର୍ଭରେ ସନ୍ତାନଟିଏ ବଢେ ଏବଂ ଜନ୍ମ ନିଏ । ତା ପରେ ତାକୁ ସ୍ତନ୍ୟପାନ କରାଇ ବଂଚାଇବାକୁ ହୁଏ । ସନ୍ତାନଟି ନିଜେ ସକ୍ଷମ ହେବା ପର୍ଯ୍ୟନ୍ତ ତାର ସମସ୍ତ ଦାୟିତ୍ୱ ନେବାକୁ ହୁଏ ମାଆକୁ । ତେବେ ଏହି ପ୍ରକ୍ରିୟାଟି ଯେତେ ସାଧାରଣ ଜଣାପଡେ ତାହା ସେତେ ସରଳ ନୁହେଁ । ନାରୀଟିଏ ଏସବୁ ବିଷୟରେ ବିଶେଷ ଜ୍ଞାନ ପାଇ ନଥିଲେ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଓ ଅସୁବିଧାର ସମ୍ମୁଖିନ ହୋଇଥାଏ । ତେଣୁ କିଶୋରୀ ବାଳିକାଟିଏ ବିବାହ ପୂର୍ବରୁ ଏସବୁ ବିଷୟରେ ଜାଣିବା ନିତାନ୍ତ ଜରୁରୀ ଏବଂ ଏ ସଂପର୍କରେ ଉଚିତ ଜ୍ଞାନ ପାଇଥିଲେ ସେ ନିଜ ସହ ନିଜ ସନ୍ତାନର ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେଇପାରିବ । କିନ୍ତୁ ଝିଅଟିଏକୁ ବିବାହ ପୂର୍ବରୁ ଏସବୁ ବିଷୟରେ ଶିକ୍ଷାଦେବାକୁ ଆମ ଗାଁ ଗହଳରେ କୌଣସି ବିଶେଷ ବ୍ୟବସ୍ଥା ନାହିଁ । ସାଧାରଣରେ ବା ପରିବାର ଭିତରେ ଏସବୁ ବିଷୟରେ ଆଲୋଚନାକୁ ଏକ ଲାଜର କଥା ବୋଲି ବିଚାର କରାଯାଉଛି । ଫଳରେ ଝିଅଟିଏ ଏ ସଂପର୍କରେ ସଂପୂର୍ଣ୍ଣ ଅଜ୍ଞ ରହୁଛି ।

ପ୍ରିୟଙ୍କା ପ୍ରଥମେ ଯେତେବେଳେ କିଶୋରୀ ବୟସରେ ପାଦଦେଲା ତାର ଏସବୁ ବିଷୟ ଜାଣିବାକୁ ବହୁତ ଇଛା ହେଲା । କାରଣ ନିଜର ଶାରୀରିକ ପରିବର୍ତ୍ତନରେ ସେ ଯେତିକି ଭୟବିତ ଥିଲା, ଗାଁ ଓ ପାଖ ପଡୋଶୀରେ ଘଟୁଥିବା ବିଭିନ୍ନ ଘଟଣା ମଧ୍ୟ ତାକୁ ସେତିକି ଭୟଭିତ କରୁଥିଲା । ତାର ଜଣେ ସାଙ୍ଗ କମ୍ ବୟସରେ ବିବାହ କରି ସନ୍ତାନ ଜନ୍ମ ଦେବାରେ ବହୁ ଅସୁବିଧାର ସମ୍ମୁଖିନ ହୋଇଥିଲା । ସେହିପରି ଜଣେ ଭାଉଜ ଦୁଇ ବର୍ଷରେ ଦୁଇଥର ଗର୍ଭଧାରଣ କରି ବେଶ୍ ଅସୁସ୍ଥ ହୋଇପଡିଥିଲେ । ଗୋଟିଏ ପରିବାରରେ ଲୋକମାନେ ସ୍ତ୍ରୀ ଲୋକଟିର ପେଟରେ ପିଲା ଅଧିକ ବଢିଯିବ ଓ ଜନ୍ମ ନେଇପାରିବ ନାହିଁ ବୋଲି ଭାବି ତାକୁ ଭଲ ଖାଦ୍ୟ ଦେଉନଥିଲେ । ତାଙ୍କ ଘର ପାଖରେ ଜଣେ ଭାଉଜଙ୍କର ବାରମ୍ବାର ଗର୍ଭପାତ ଘଟୁଥିଲା । ସେହିପରି ଗାଁରେ ପିଲା ଜନ୍ମ କରିଥିବା ମହିଳାଙ୍କୁ ଘର ବାହାରେ ଏକ ଜାଗାରେ

ରଖୁଥିଲେ ଏବଂ କେହି ତାକୁ ଛୁଁ ନଥିଲେ । ତାଙ୍କ ସ୍ୱାମୀ କେବଳ ତାଙ୍କୁ ରୋଷେଇକରି ଖାଇବାକୁ ଦେଉଥିଲେ । ଏସବୁ ଆଖିଦେଖା ଘଟଣା ସହ ନାରୀ ପୁରୁଷଙ୍କ ସଂପର୍କକୁ ନେଇ ଅନେକ ଆଶ୍ଚର୍ଯ୍ୟଜନକ କଥା ମଧ୍ୟ ସେ ଶୁଣୁଥିଲା । ତେଣୁ ଝିଅଟିଏ ଜୀବନରେ ଏସବୁ ଯେମିତି ଏକ ବିରାଟ ପ୍ରତିବନ୍ଧକ ବୋଲି ତାକୁ ଲାଗୁଥିଲା । ତେବେ ଏସବୁ ବିଷୟରେ ସେ କାହାକୁ ବା କେମିତି ପଚାରିବ ? ବଡ ମାନଙ୍କୁ ପଚାରିବାକୁ ତାର ସାହସ ନଥିଲା ଏବଂ ସାଙ୍ଗ ମାନଙ୍କୁ ପଚାରିବାକୁ ଲାଜ ଲାଗୁଥିଲା ।

ତେବେ ସେ ଯେତେବେଳେ ସ୍ୱାତୀର ଅନନ୍ୟା କାର୍ଯ୍ୟକ୍ରମରେ ସାମିଲ ହେଲା ଏବଂ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ପ୍ରଶିକ୍ଷଣ ନେଲା, ତାର ସମସ୍ତ ସଂଶୟ ଦୂର ହେଲା । ଏହା ପାଠ ବିଷୟ ପରି ଏକ ଶରୀର ବିଜ୍ଞାନ ବୋଲି ସେ ଜାଣି ପାରିଲା । ପ୍ରଶିକ୍ଷଣରେ ଅଭିଜ୍ଞ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ୱାସ୍ଥ୍ୟ ସେବିକା ମାନେ ସେମାନଙ୍କୁ ବିଭିନ୍ନ ଚିତ୍ର ମାଧ୍ୟମରେ ସ୍ପଷ୍ଟ ଭାବେ ବୁଝାଇଦେଲେ । ନାରୀ ପୁରୁଷଙ୍କ ଶରୀରର ଗଠନ ପ୍ରଣାଳୀ, ନାରୀର ପ୍ରଜନନ ଅଙ୍ଗ, ଗର୍ଭଧାରଣ ପ୍ରକ୍ରିୟା, ସନ୍ତାନ ଜନ୍ମ ପଦ୍ଧତି, ସନ୍ତାନ ଲାଳନପାଳନ ଆଦି ବିଷୟ ସେ ଜାଣି ପାରିଲା । ତା ସହିତ ବିଭିନ୍ନ ଯୌନ ରୋଗ, ତାର କାରଣ, ଗର୍ଭଧାରଣର ଅନ୍ତର ଆଦି ଜଟିଳ ବିଷୟ ଗୁଡିକୁ ମଧ୍ୟ ବୁଝିପାରିଲା । ଏ ସବୁ ଜାଣିବା ପରେ ତା ମନରେ ବହୁ ଦିନରୁ ବସା ବାନ୍ଧିଥିବା ଭୟ ସବୁ ଆପେ ଆପେ ଦୂରେଇଗଲା । ନିଜ ଅଂଚଳର ଝିଅ ଓ ମହିଳା ମାନେ ଆଗରୁ ଏ ବିଷୟରେ ଠିକ୍ ଭାବେ ଜାଣି ନଥିବାରୁ ସମସ୍ୟାର ସମ୍ମୁଖିନ ହେଉଥିବା ସେ ସ୍ଥିର ନିଶ୍ଚିତ ହେଲା । ଝିଅଟିଏ ପାଇଁ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସଂପର୍କରେ ଜାଣିବା ଏକ ମୌଳିକ ଆବଶ୍ୟକତା ଏବଂ ଅସଚେତନତା ଯୋଗୁଁ ସମାଜରେ ଏହି ଅତ୍ୟାବଶ୍ୟକୀୟ ଶିକ୍ଷାକୁ ଅବହେଳା କରାଯାଉଛି ବୋଲି ସେ ବୁଝିପାରିଲା ।






କନ୍ଧମାଳ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ବାନ୍ଦୁଡି ଗାଁର କୋଡିଏ ବର୍ଷିୟ ଝିଅ ଝୁଲିମା ମଲ୍ଲିକ ନିଜ ଗାଁ ଓ ଅଞ୍ଚଳରେ ବାଲ୍ୟବିବାହ ରୋକିବା ଦିଗରେ ନେଇଥିବା ଉଲ୍ଲେଖନୀୟ ପ୍ରଚେଷ୍ଟା ପାଇଁ ଚଳିତ ବର୍ଷ ଜାତିସଂଘର ସ୍ୱେଚ୍ଛାସେବୀ ସମ୍ମାନ ୟୁନାଇଟେଡ୍ ନେସନ୍ସ ଭି-ଆୱାର୍ଡ ପାଇଛନ୍ତି । ସ୍ୱେଚ୍ଛାସେବୀ ହିସାବରେ ସାରା ବିଶ୍ୱରେ ଶାନ୍ତି ଓ ବିକାଶ ପାଇଁ କାର୍ଯ୍ୟକରୁଥିବା ଯୁବକ/ଯୁବତୀ ମାନଙ୍କୁ ଜାତିସଂଘର ସ୍ୱୀକୃତ ଏକ ଅନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ଏହି ସମ୍ମାନ ପ୍ରଦାନ କରାଯାଇଥାଏ । ଚଳିତ ବର୍ଷ ସାରା ଦେଶରୁ ଏହି ପୁରସ୍କାର ପାଇଥିବା ୧୦ଜଣଙ୍କ ଭିତରେ ଝୁଲିମା ହେଉଛନ୍ତି ଜଣେ । ଗତ ଡିସେମ୍ବର ୫ତାରିଖ ଆନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ଉତ୍ସବରେ ତାଙ୍କୁ ଏହି ପୁରସ୍କାର ଦିଆଯାଇଛି ।



SWATI (ସ୍ୱାତୀ)

ସୋସିଆଲ୍ ୱେଲ୍‌ଫେୟାର ଏଜେନ୍ସି ଆଣ୍ଡ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍
ପାବୁରିଆ, କନ୍ଧମାଳ – ୭୬୨୧୧୨, ଓଡିଶା
Email: swati_pab@yahoo.co.in,
Website: www.swatiodisha.org

Save the Children

ସହଭାଗୀତା
ସେଭ୍ ଦି ଚିଲ୍ଡ୍ରେନ
ଓଡିଶା, ଭାରତ